## ଗେଷ୍ଟହାଉସ୍‌ରେ ଦେହ କାରବାର ଠାବ ଘଟଣା

# କିଙ୍ଗ୍‌ପିନ୍‌ଙ୍କ ପାଖରେ ପହଞ୍ଚି ପାରିବ ତ ପୁଲିସ

ବଲାଙ୍ଗିର, ୧୪।୨(ସମିସ)

ବଲାଙ୍ଗିର ସହର ଥାନାର ମାତ୍ର କିମି ଦୂରତାରେ ଦେହ କାରବାର ଘଟଣା ସାମ୍ନାକୁ ଆସିବାପରେ ଏବେ ଅନେକ ତଥ୍ୟ ଅନ୍ବୋଚିତ ହେଉଛି। ଏହି କାରବାରର କିଙ୍ଗପିନ୍ କୁହାଯାଉଥିବା ପାଟଣାଗଡ଼ ଦିଦିଙ୍କୁ ନେଇ ଚର୍ଚ୍ଚାଜୋର ଧରିଛି। କିଏ ଏହି ଦିଦି ଯିଏ ପାଟଣାଗଡ଼ ଅଞ୍ଚଳର ହୋଇଥିବାବେଳେ ସେ ଏବେ ରାଜଧାନୀରେ ରହି ନେଟୱର୍କ ଚଳାଉଛନ୍ତି। ପୂର୍ବରୁ ବଲାଙ୍ଗିର ଜିଲ୍ଲାରେ ଧରାପଡ଼ିଥିବା କିଛି ଦେହ କାରବାର ମାମଲାରେ ମଧ୍ୟ ଏହି ଦିଦିଙ୍କ ହାତ ରହିଥିବା କୁହାଯାଉଛି।

ବଲାଙ୍ଗିର ରାଜେନ୍ଦ୍ର ପାର୍କ ନିକଟରେ ଥିବା ତିରୁପତି ଗେଷ୍ଟ ହାଉସରେ ଟାଉନ ପୁଲିସ ଦେହ କାରବାର ଠାବ କରିଥିଲା। ଏହି କାରବାର ବିଷୟରେ ସୂଚନା ପାଇ ଟାଉନ ପୁଲିସର ଏକ ଟିମ ଚଢ଼ଉ କରିଥିବାବେଳେ ଜଣେ ଦେହଜୀବୀ ଓ ତିନି ଜଣ ଗ୍ରାହକଙ୍କୁ ଠାବ କରିଥିଲା। ତିନି ଗ୍ରାହକଙ୍କୁ ପୁଲିସ ଗିରଫ କରିଥିବାବେଳେ ସେମାନଙ୍କୁ ପଚରାଉଚୁରା ସମୟରେ ଏହି କାରବାର ବିଷୟରେ ପୁଲିସ ଅନେକ କିଛି ତଥ୍ୟ ଯୋଗାଡ଼ କରିଛି। କିନ୍ତୁ ଏପର୍ଯ୍ୟନ୍ତ ଉକ୍ତ ତଥ୍ୟ ଅନୁସାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହି କାରବାର କିଏ ଚଲାଇଥିଲା, କାହା ଯୋଗାଯୋଗରେ କନ୍ଧମାଳରୁ ତିନି ଯୁବକ ବଲାଙ୍ଗିର ଆସି ଏହି କାରବାରରେ ଲିପ୍ତ ଥିଲେ। ଯୁବତୀଙ୍କୁ କିଏ ଡାକି ଗେଷ୍ଟ ହାଉସରେ ରଖିଥିଲା। ସବୁ ବିଷୟରେ ଯାଞ୍ଚଅସମୟରେ ପୁଲିସକୁ ଅଭିଯୁକ୍ତ ମାନେ ପାଟଣାଗଡ଼ ଅଞ୍ଚଳର ଜଣେ ମହିଳାଙ୍କ ସୂଚନା ଦେଇଛନ୍ତି। ଯିଏ କି ବର୍ତ୍ତମାନ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କୁ ଯୋଗାଯୋଗ କରିବା ସହ ଯୁବକମାନେ ତାଙ୍କୁ ଟଙ୍କା ପଠାଇଥିଲେ। ପରେ ସମ୍ପୃକ୍ତ ଯୁବତୀଙ୍କୁ ସେ ଯୁବକ ମାନଙ୍କ ପାଇଁ ଠିକ କରି ଉକ୍ତ ଗେଷ୍ଟ ହାଉସକୁ ପଠାଇଥିଲେ। ଏହା ପରେ ଏହି ବିଷୟ ସ୍ପଷ୍ଟ ଯେ ସମ୍ପୃକ୍ତ ମହିଳା ଓ ଗେଷ୍ଟ ହାଉସ ମାଲିକଙ୍କ ଭିତିରି ସମ୍ପର୍କ ରହିଛି। ସମ୍ପୃକ୍ତ ମହିଳା ଜଣକ ରାଜଧାନୀରେ ରହି ସେଠାରୁ ଯୁବତୀମାନଙ୍କୁ ବଲାଙ୍ଗିର ଚାଲାଣ କରି ଦେହ କାରବାରରେ ଲିପ୍ତ କରୁଛନ୍ତି।

**ବଲାଙ୍ଗିରରେ ଦିଦିଙ୍କ ରହିଛି ବଡ଼ ନେଟୱର୍କ**

ତେବେ ମିଳିଥିବା ସୂଚନା ଅନୁସାରେ ସମ୍ପୃକ୍ତ ମହିଳାଙ୍କ ସମ୍ପର୍କ ସହରର ବିଭିନ୍ନ ହୋଟେଲ ସହ ରହିଛି। ତାଙ୍କ ଅଧୀନରେ ସହର ତଥା ଜିଲ୍ଲାର ଭିନ୍ନ ଭିନ୍ନ ସ୍ଥାନରେ କିଛି ଦଲାଲ ମଧ୍ୟ ରହିଛନ୍ତି। ଯେଉଁମାନେ କି ଏଠାରେ ରହି ତାଙ୍କ ନିର୍ଦ୍ଦେଶକ୍ରମେ କାରବାର ଚଳାଉଛନ୍ତି। କେବଳ ଏହି ଘଟଣା ନୁହଁ ପୂର୍ବରୁ ମଧ୍ୟ ବଲାଙ୍ଗିର ସହର ତଥା ପାଟଣାଗଡ଼ ଅଞ୍ଚଳରୁ ଠାବ ହୋଇଥିବା ଦେହ କାରବାର ଘଟଣାରେ ତାଙ୍କ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିଲା। କିନ୍ତୁ ତାଙ୍କ ବିଷୟରେ ସୂଚନା ପାଇ ମଧ୍ୟ ପୁଲିସ ନୀରବ ରହିଆସୁଥିଲା। ୨୦୨୩ ଅକ୍ଟୋବର ମାସରେ ପାଟଣାଗଡ଼ କାଦୋପଡ଼ାରେ ଜଣେ ସରକାରୀ କର୍ମଚାରୀଙ୍କ ଭଡାଘରୁ ଦେହ କାରବାର ଠାବ ହୋଇଥିଲା। ସେହିପରି ୨୦୨୩ ନଭେମ୍ବର ମାସରେ ଯୋଗୀମୁଣ୍ଡା ଉଚ୍ଚ ମାଧ୍ୟମିକ ସ୍କୁଲରୁ ଦେହ କାରବାର ଚାଲିଥିବା ବେଳେ ପୁଲିସ ଚଢାଉ କରି ସ୍କୁଲ ଜଗୁଆଳିଙ୍କୁ ଗିରଫ କରିଥିଲା। ଏହି କାରବାରରେ ନିୟୋଜିତ ଯୁବତୀମାନେ ମଧ୍ୟ ଭୁବନେଶ୍ୱର ଓ କଟକରୁ ଆସିଥିବା ସେହି ସମୟରେ ଜଣାପଡ଼ିଥିଲା। ଏହା ପୂର୍ବରୁ ମଧ୍ୟ ସହରର ଭିନ୍ନ ଭିନ୍ନ ସ୍ଥାନରେ ପୁଲିସ ଚଢ଼ଉ କରି ଦେହଜୀବୀ ଓ ଗ୍ରାହକମାନଙ୍କୁ ଗିରଫ କରିଥିଲା। ସମ୍ପୃକ୍ତ ମହିଳାଙ୍କ ଲିଙ୍କରେ ଯୁବତୀମାନେ ବଲାଙ୍ଗିର ଆସି ଏହି ବେଆଇନ କାରବାର ଚଳାଉଥିବା ଅଭିଯୋଗ ହୋଇଛି। ତେବେ ପୂର୍ବରୁ ସମ୍ପୃକ୍ତ ମହିଳାଙ୍କ ବିଷୟ ସାମ୍ନାକୁ ଆସୁ ନ ଥିବାବେଳେ ତିରୁପତି ଗେଷ୍ଟ ହାଉସ ଚଢ଼ଉ ଘଟଣା ପରେ ଅଭିଯୁକ୍ତ ମାନେ ମହିଳାଙ୍କ ବିଷୟରେ ସୂଚନା ଦେଇଛନ୍ତି। ତେବେ ମହିଳା ଜଣକ କିଛି ପ୍ରଭାବଶାଳୀ ନେତାଙ୍କ ଲିଙ୍କରେ ରହିଥିବା ଆଲୋଚନା ହେଉଛି। ଫଳରେ ପୁଲିସ ମଧ୍ୟ ମହିଳାଙ୍କ ଉପରେ ଧ୍ୟାନ ଦେବା ଅପେକ୍ଷା ତଦନ୍ତ ନାମରେ ଦିନ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ତେବେ ମହିଳା ଜଣକ କେଉଁ ନେତାଙ୍କ ଛତ୍ରଛାୟାରେ ରହିଛନ୍ତି ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନ। ତେବେ ଏନେଇ ଏସଡିପିଓ ସଞ୍ଜୟ ମଣ୍ଡଳଙ୍କୁ ପଚାରିବାରୁ ମାମଲାର ତଦନ୍ତ ଚାଲିଛି। ନିହାତି ଭାବେ ଏଥିରେ ଯାହା ନାମ ବି ଆଗକୁ ଆସିବ ସେ ତଦନ୍ତ ପରିସରଭୁକ୍ତ ହେବେ ବୋଲି କହିଛନ୍ତି।

## ଶରୀର ଦାନ କରି ଭାଲେଣ୍ଟାଇନ୍ସ ଡେ ପାଳିଲେ ଦମ୍ପତି



ବଲାଙ୍ଗିର, ୧୪।୨(ସମିସ): ପ୍ରେମୀ ଯୁଗଳ ବିଭିନ୍ନ ଢଙ୍ଗରେ 'ଭେଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିଥାନ୍ତି। ଇନ୍ଦ୍ରପ୍ରସ୍ଥ ହୋଟେଲ ମାଲିକ ରାମ ଦାଶ ଓ ପତ୍ନୀ ଅନୟା ଦାଶ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ଯାଇ ମରଣତ୍ତୋର ଶରୀର ଦାନ ଭେଲେଣ୍ଟାଇନ ଡେ ପାଳନ କରିଛନ୍ତି। ଏହି ସମୟରେ ଭୀମଭୋଇ ମେଡିକାଲ କଲେଜର ଡିନ୍ ଡା ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଏନାଟୋମି ପ୍ରଫେସର ଡା ସନ୍ତୋଷ କୁମାର ସାହୁ, ମେଡିକାଲ କଲେଜ କର୍ମଚାରୀ ସନ୍ଧ୍ୟାରାଣୀ ରାୟ ଓ ମାରଓ୍ୱାଡ଼ି ମହିଳା ସମିତି ସଭାପତି ବବି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ମେଡିକାଲ ଶିକ୍ଷାର୍ଥିଙ୍କ ଗବେଷଣା ପାଇଁ ମରଶରୀର ଆବଶ୍ୟକତା ରହିଛି। ମର ଶରୀର ଅଭାବରେ ଶିକ୍ଷାର୍ଥିମାନଙ୍କ ଘୋର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କିଛିଦିନ ହେବ ଚକ୍ଷୁଦାନ ପ୍ରତି ଲୋକେ ସଚେତନ ହେବା ଦେଖାଯାଉଛି। ସେହିପରି ଲୋକେ ସ୍ୱତଃ ଶରୀର ଦାନକଲେ ଶରୀର ଓ ଚିକିତ୍ସା ବିଜ୍ଞାନ ଆହୁରି ଉନ୍ନତ ହେବା ସହ ସମାଜ ପ୍ରତି ଏହା ପ୍ରକୃତ ଭେଲେଣ୍ଟାଇନ୍ ହେବ ବୋଲି ଦାଶ ଦମ୍ପତି ପ୍ରକାଶ କରିଛନ୍ତି।

## ସହିଦ ଦିବସରେ ରକ୍ତଦାନ ଶିବିର



ଟିଟିଲାଗଡ଼, ୧୪।୨(ସମିସ): ପୁଲୱାମା ସହିଦ ଦିବସରେ ଆଜି ଟିଟିଲାଗଡ଼ ଠାରେ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଧର୍ମଶାଳା ପରିସରରେ ଚତୁର୍ଥବର୍ଷ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ, ଉପଜିଲ୍ଲାପାଳ ରେହାନ ଖତ୍ରୀ ଉଦ୍‌ଘାଟନ କରିଥିଲେ। ଦେଶ ମାତୃକାର ସେବା ପାଇଁ ଆମେ ସଭିଏଁ ବ୍ରତୀ ହେବା ବୋଲି ଉପସ୍ଥିତ ନାଗରିକଙ୍କୁ ଆହ୍ୱାନ ଦେଇଥିଲେ। ନାଗରିକ ମଞ୍ଚ ସଭାପତି ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଶିକ୍ଷାବିତ ରାଜୀବ ଲୋଚନ ପାଢ଼ୀ, ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାଶ, ଲକ୍ଷ୍ମୀକାନ୍ତ ମହାପାତ୍ର, ଲାୟନ୍ସ କ୍ଲବ ସମ୍ପାଦକ ଆବାସ ଖାନ, ପୂର୍ବତନ ଲାୟନ୍ସ କ୍ଲବ୍ ସଭାପତି ଲିଙ୍ଗରାଜ ସାହୁ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ନାଗରିକ ମଞ୍ଚ ସଂଗଠନ ସମ୍ପାଦକ ମନୋଜ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ। ନାଗରିକ ମଞ୍ଚର ଉପସଭାପତି ପଦ୍ମନାଭ ବେହେରା, ସମ୍ପାଦକ ଦୀପକ ସମ୍ପାଦାର, ଶମ୍ଭୁ ପ୍ରସାଦ ଗୋଏଲ, କୋଷାଧ୍ୟକ୍ଷ ପ୍ରକାଶ ଗୋଏଲ, ବରିଷ୍ଠ ସଦସ୍ୟ ଆନନ୍ଦ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଟିଟିଲାଗଡ଼ ସହକାରୀ ଜିଲ୍ଲାପାଳ ସନ୍ତୋଷ ବେହେରା, କର୍ଣ୍ଣେଲ ଦୁର୍ଗେଶ ସାହୁଙ୍କ ପତ୍ନୀ ସଲିଲ ସାହୁ, ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ରକ୍ତଦାନ କରିଥିଲେ।

### ଆଉ ସପ୍ତାହେ ପରେ ମାଟ୍ରିକ ପରୀକ୍ଷା

# ୧୬୫ଟି କେନ୍ଦ୍ରରେ ପରୀକ୍ଷା ଦେବେ ୨୨,୪୨୩ ପରୀକ୍ଷାର୍ଥୀ

ବଲାଙ୍ଗିର, ୧୪।୨(ସମିସ): ଫେବୃଆରୀ ୨୧ରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏହି ପରୀକ୍ଷାକୁ ଆହୁରି ୭ ଦିନ ବାକି ରହିଲା। ତେଣୁ ପରୀକ୍ଷା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିଥିବାବେଳେ ତାକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ପରୀକ୍ଷା କେନ୍ଦ୍ର ପ୍ରସ୍ତୁତି ଜୋରସୋରରେ ଚାଲିଥିବାବେଳ ମାଟ୍ରିକ ପରୀକ୍ଷା କେମିତି ସୁରୁଖୁରୁରେ ଆରମ୍ଭ ହେବ ସେନେଇ ଶିକ୍ଷା ବିଭାଗ ଅଧିକାରୀମାନେ ତଦାରଖ କରୁଛନ୍ତି।

ସୂଚନା ଅନୁସାରେ ଚଳିତବର୍ଷ ଦଶମଶ୍ରେଣୀ ପରୀକ୍ଷାରେ ବଲାଙ୍ଗିର ଜିଲ୍ଲାର ୩୬୬ ଟି ଉଚ୍ଚ ବିଦ୍ୟାଳୟର ମୋଟ୍ ୨୨ ହଜାର ୪୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରେ ୨୧ ହଜାର ୯୫୨ ଜଣ ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି। ତନ୍ମଧ୍ୟରୁ ୧୬୫ ଜଣ ଏକ୍ସ ରେଗୁଲାର ଛାତ୍ରଛାତ୍ରୀ ରହିଛନ୍ତି। ସେହଭଳି ମଧ୍ୟମାରେ ୧୨୭ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ପରୀକ୍ଷା ପାଇଁ ଆଡମିଟ କାର୍ଡ ବଣ୍ଟନ କରାସରିଛି। ସେଠାରେ ତାଙ୍କର ପରୀକ୍ଷା କେନ୍ଦ୍ର ସମ୍ପର୍କରେ ସୂଚନା ଦିଆଯାଇଛି। ବଲାଙ୍ଗିର ଜିଲ୍ଲାରେ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୧୬୫ ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ତନ୍ମଧ୍ୟରେ ନୋଡାଲ ସେଣ୍ଟର ୧୫ ଟି ରହିଥିବା ସୂଚନା ମିଳିଛି। ବଲାଙ୍ଗିର ଜିଲ୍ଲାରେ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପହଞ୍ଚି ସାରିଛି। କଡ଼ା ସୁରକ୍ଷା ଭିତରେ ପ୍ରଶ୍ନପତ୍ର ରହିଥିବାବେଳେ ପୁଲିସ କର୍ମଚାରୀମାନେ ପହରା ଦେଉଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ନିଜେ ବୁଲିବୁଲି ପରୀକ୍ଷା କେନ୍ଦ୍ର ଗୁଡ଼ିକର ତଦାରଖ କରୁଛନ୍ତି। ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗିବ ବୋଲି ସୂଚନା ରହିଛି। ଏହା ସହିତ ପରୀକ୍ଷା ସମୟରେ ଅନିୟମିତତା ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ଏମାନେ ପରୀକ୍ଷା ସମୟରେ ବୁଲିବୁଲି ଯାଞ୍ଚ କରିବେ ବୋଲି ସୂଚନା ରହିଛି।

**ସବୁ ପରୀକ୍ଷା କେନ୍ଦ୍ରରେ ଲାଗିବ ସିସିଟିଭି**

**ବୁଲିବେ ସ୍ୱତନ୍ତ୍ର ସ୍କ୍ୱାଡ୍**

## ଲକ୍ଷ୍ମୀଯୋର ପୁଲିସ ଷ୍ଟେସନ କାର୍ଯ୍ୟକ୍ଷମ ଦାବି



ବଲାଙ୍ଗିର, ୧୪।୨(ସମିସ): ପୃଥ୍ୱୀରାଜ ହାଇସ୍କୁଲ ୧୯୭୭ ସାମାଜିକ ଓ ସାଂସ୍କୃତିକ ସଂଘ ପକ୍ଷରୁ ବଲାଙ୍ଗିର ଆରକ୍ଷୀ ଅଧିକ୍ଷକଙ୍କୁ ଆଜି ଦାବିପତ୍ର ଦିଆଯାଇଛି। ୨୦୨୨ ଅଗଷ୍ଟରେ ପ୍ରସ୍ତାବିତ ଲକ୍ଷ୍ମୀଜୋର ପୁଲିସ ଷ୍ଟେସନ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ପାରି ନ ଥିବାରୁ ସଂଘ ଅସନ୍ତୋଷ ବ୍ୟକ୍ତ କରି ସଂଘର ସଭାପତି ରତନ କୁମାର ମହାରଣାଙ୍କ ନେତୃତ୍ୱରେ ତୁରନ୍ତ ସଠିକ୍ ସ୍ଥାନରେ କାର୍ଯ୍ୟକ୍ଷମ କରିବାକୁ ଦାବି କରିଛି। ବଲାଙ୍ଗିର ସହର ମଧ୍ୟରେ ଚୋରୀ, ଡକାୟତି, ଲୁଟ ଆଦି ଅପରାଧିକ କାର୍ଯ୍ୟକଳାପ ଅନେକାଂଶରେ ତୁରନ୍ତ ସମାଧାନ ହୋଇପାରିବ ବୋଲି ଆରକ୍ଷୀ ଅଧିକ୍ଷକଙ୍କ ସହ ସଂଘର ସଭାପତି ଶ୍ରୀ ମହାରଣା, ଉପ-ସଭାପତି ରାଜ କିଶୋର ଦାଶ, ସମ୍ପାଦକ ଡା. ସୁକାନ୍ତ ପୁରୋହିତ, କୋଷାଧ୍ୟକ୍ଷ ବ୍ରଜବନ୍ଧୁ ସାଏ, କାର୍ଯ୍ୟକାରୀ ସଦସ୍ୟ ମୋହନ ଗୋପାଳ ପଣ୍ଡା, ସଲିମ ଖାନ, ସତ୍ୟନାରାୟଣ ପଣ୍ଡା, ଡା. ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ।

## ବକଟିରେ 'ନିପୁଣ ଓଡ଼ିଶା' ମେଳା

ଲୋଇସିଂହା, ୧୪।୨(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବକଟିସ୍ଥିତ ଉଷାଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ବାବୁଲାଲ ସାହୁ ଏବଂ ପ୍ରଧାନଶିକ୍ଷକ ଦେବରାଜ ବାରିକଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ଶ୍ରୀବତ୍ସ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବକଟି କ୍ଲଷ୍ଟରର ସାତଟି ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗଦେଇ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଉଦ୍‌ଯାପନୀ ସଭାରେ ଅଂଶଗ୍ରହଣ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

## କ୍ଲଷ୍ଟରସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

ଲୋଇସିଂହା, ୧୪।୨(ସମିସ) : ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକର ଲୋଇସିଂହା କ୍ଲଷ୍ଟରରେ ନିପୁଣ ଓଡ଼ିଶା ମେଳା ଆନୁଷ୍ଠିତ ହୋଇଛି। ଏହି ମେଳାଟି ମାଣ୍ଡିଆପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଲୋଇସିଂହା ସିଆରସିସି ଶୋଭାଙ୍କର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ଲଷ୍ଟରର ୧୧ ଟି ବିଦ୍ୟାଳୟର ମୋଟ ୧୫୦ ଜଣ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୌଳିକ ଭାଷା, ମୌଳିକ ସଂଖ୍ୟା ଜ୍ଞାନ ଓ ସୃଜନଶୀଳତାକୁ ଆଧାର କରି ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ବିଇଓ ରୀନା କୁମାରୀ ବେହେରା, ସମ୍ମାନିତ ଅତିଥି ଭାବରେ ଏବିଇଓ ଟଙ୍କଧର ଭୋଇ, ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ଦାସ ଓ କ୍ଲଷ୍ଟରର ୧୦ ଜଣ ସିଆରସିସି ଓ ୧୫୦ ଅବିଭାବକ ଯୋଗ ଦେଇଥିଲେ। ଗୌରୀ ମହାକୁର ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଛାତ୍ର ଛାତ୍ରୀମାନେ ଉପକରଣ ମାଧ୍ୟମରେ କିପରି ମୌଳିକ ଭାଷା, ସଂଖ୍ୟାଜ୍ଞାନ ଆହରଣ କରିବେ ସେ ନେଇ ପରାମର୍ଶ ଦେଇଥିଲେ। ପର୍ଶୁରାମ ସୁନା ଧନ୍ୟବାଦ ଦେଇଥିଲେ।



## କଣ୍ଟାବାଞ୍ଜି ପ୍ରିମିୟର ଲିଗ୍ : ପ୍ରଭାତ କ୍ଲବ୍ ବିଜୟୀ




କଣ୍ଟାବାଞ୍ଜି, ୧୪।୨(ସମିସ): କଣ୍ଟାବାଞ୍ଜି ରେଲୱେ ଖେଳପଡ଼ିଆରେ ଅନୁଷ୍ଠିତ ଶୁକ୍ରବାର ମ୍ୟାଚରେ କଣ୍ଟାବାଞ୍ଜି ପ୍ରଭାତ କ୍ଲବ ଏବଂ ଅଲରାଉଣ୍ଡର କ୍ଲବ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ଅଲରାଉଣ୍ଡର କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୨୪ ରନ୍ ସ୍କୋର କରିଥିଲା। କେବଳ ୧୨.୩ ଓଭରରେ ୧୨୮ ରନ୍ ସ୍କୋର କରି ପ୍ରଭାତ କ୍ଲବ ଖେଳାଳି ମାନେ ଅତି ସହଜରେ ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରଭାତ କ୍ଲବର ବିପ୍ଲବ ସାମନ୍ତରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଦିଆଯାଇଥିଲା। ବିପ୍ଲବ ସାମନ୍ତରାଏ ପ୍ରଥମ ଶ୍ରେଣୀ କ୍ରିକେଟରେ ରଣଜୀ ଟ୍ରଫିରେ ଓଡ଼ିଶା ପାଇଁ ଖେଳନ୍ତି। ଉଦ୍‌ଘାଟନୀ ସଂସ୍କରଣରେ ଓଡ଼ିଶା ପ୍ରିମିୟର ଲିଗ୍‌ରେ କଟକ ବାରବାଟି ଟାଇଗର୍ସରୁ ଖେଳି ଅଧିନାୟକ ହୋଇଥିଲେ ଏବଂ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପାଇଥିଲେ। ସେ ଆଇପିଏଲରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିଛନ୍ତି। ପରାଜୟ ସହିତ ଅଲରାଉଣ୍ଡର ଦଳ ପ୍ଲେ ଅଫ୍ ରାଉଣ୍ଡରୁ ଦୂରେଇ ଯାଇଥିଲେ। ଖେଳ ସରିବା ପରେ କଣ୍ଟାବାଞ୍ଜି ପ୍ରଭାତ କ୍ଲବ୍ ର କ୍ରେତା ଘାସିରାମ ଜେନ ଏବଂ ରାହୁଲ ସାହୁ ସମସ୍ତ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ବ୍ଲକ୍ କାର୍ଯ୍ୟାଳୟ ସ୍ଥାପନ ନେଇ ସର୍ବଦଳୀୟ ବୈଠକ

ବଲାଙ୍ଗିର, ୧୪।୨(ସମିସ): ବଲାଙ୍ଗିର ଜିଲ୍ଲାର ଆଗଲପୁର କଲ୍ୟାଣ ମଣ୍ଡପ ଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରାଯିବା ନେଇ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସର୍ବ ଦଳୀୟ ବୈଠକକୁ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଆଗଲପୁର ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ବ୍ଲକ ଉପଧ୍ୟକ୍ଷା ନିରୁପମା ପଧାନ୍, ଆଗଲପୁର ଅଙ୍ଗ ଜଳସେଚନ ପ୍ରକଳ୍ପର ଚେୟାରମ୍ୟାନ ଆକାଶ ମିଶ୍ର, ରାଧାକାନ୍ତ ନାୟକ ଓ ସାଂସଦ ସଙ୍ଗୀତା ସିଂଦେଓଙ୍କ ପ୍ରତିନିଧି ଉମେଶ ପଟେଲ୍ ଯୋଗ ଦେଇଥିଲେ। ଏହି ସର୍ବ ଦଳୀୟ ବୈଠକକୁ ପରିଚାଳନା କରିଥିଲେ ସମାଜ ସେବୀ ପ୍ରଶାନ୍ତ ଭୋଇ। ସରକାରଙ୍କ ଘୋଷଣା ମୁତାବକ ଆଗାମୀ ଦିନରେ ହେବାକୁ ଥିବା ବ୍ଲକ, ପଞ୍ଚାୟତ, ଏନଏସି, ଜିଲ୍ଲା ଗଠନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଆଗଲପୁର ଠାରେ ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରାଯିବା ପାଇଁ ଏକ ସର୍ବ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗଲପୁର ନାମରେ ବ୍ଲକ ର ନାମ ଥିବା ବେଳେ ଏହାର କାର୍ଯ୍ୟାଳୟ ଅନ୍ୟତ୍ର ଥିବା ନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ବିଷୟରେ ଆଗକୁ ଆହୁରି ଆଲୋଚନା, ପର୍ଯ୍ୟାଲୋଚନା, କରାଯାଇ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ଅତିଥିମାନେ ନିଜ ନିଜ ମତାମତ ଦେଇଥିଲେ। ଏହି ସର୍ବଦଳୀୟ ବୈଠକକୁ ନଅ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇଥିଲେ।

## ବ୍ଲକ୍‌ସ୍ତରୀୟ 'ନିପୁଣ ଓଡ଼ିଶା' ମେଳା




ତୁଷୁରା, ୧୪।୨( ସମିସ): ବଲାଙ୍ଗିର ଜିଲ୍ଲା ଗୁଡ଼ଭେଲା ବ୍ଲକ ଅଧୀନ ସରକାରୀ ଉଚ୍ଚ ବିଦ୍ୟାଳୟ, ସମରା ଠାରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମେଳା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ତୁଷୁରା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଅଜୟ ଜୟସ୍ୱାଲ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରଶ୍ମିଆ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟବକ୍ତା ଭାବରେ ବ୍ଲକ ଉନ୍ନୟନ ଅଧିକାରୀ ଦୀପକ କିଶାନ ବାରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷିକା ଐଶ୍ୱର୍ଯ୍ୟ ମିତ୍ରା, ସାଗର ସାହୁ, ରମେଶ ସାମର୍ଥ, ସୁରେନ୍ଦ୍ର ସୁନା, ବିପିନ ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ମଞ୍ଜରୀ କାଲୋ, ସ୍ଥାନୀୟ କପସିଲା ସିଆରସିସି ସୁଧାଂଶୁ ପୁଟା ମଞ୍ଚାସିନ ଥିଲେ। ଏହି ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ତଥା ଏହି ବ୍ଲକ ଅନ୍ତର୍ଗତ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ତରଫରୁ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱର ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ ହୋଇ ପ୍ରଦର୍ଶନ କରାଯାଇଥିଲା। ସ୍ଥାନୀୟ ସିଆରସିସି ସୁଧାଂଶୁ ପୁଟା ନିପୁଣ ଓଡ଼ିଶା ମେଳାର ଶପଥ ପାଠ କରାଇବା ସହ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ଉଦ୍‌ଯାପନୀ ସଭାରେ ଚମ୍ପି ବାରିକ୍, ସ୍ୱପ୍ନା ସେଠ୍ ଓ ଐଶ୍ୱର୍ଯ୍ୟା ମିତ୍ରା, ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଞ୍ଚାସୀନ ହୋଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ତୁଷୁରା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଜଗମୋହନ ତ୍ରିପାଠୀ ପରିଚାଳନା କରିଥିବାବେଳେ ବ୍ଲକ ଅଧୀନ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗଣ ସହଯୋଗ କରିଥିଲେ।

### ରାସ୍ତା କାମରେ ଅନିୟମିତତା

# ଲୋକଙ୍କ ଜମିରେ ବ୍ରିଜ୍ ତିଆରି ହେଉଥିବା ଅଭିଯୋଗ

ସଇଁତଳା, ୧୪।୨(ସମିସ)



ସଇଁତଳା ବ୍ଲକ ଜାତୀୟ ରାଜପଥ ୨୬ ପିପୃଟରୁ ଆମପାଲିକୁ ରାସ୍ତା ଶୋଚନୀୟ ଥିବାରୁ ସ୍ଥାନୀୟ ଲୋକେ ଦୀର୍ଘଦିନ ହେଲା ରାସ୍ତା ପାଇଁ ଦାବି କରିଆସୁଥିଲେ। ନୂତନ ରାସ୍ତା ତିଆରି ପାଇଁ 'ଗ୍ରାମ୍ୟ ଉନ୍ନୟନ ବିଭାଗ' ବିଭାଗ ପକ୍ଷରୁ ଟେଣ୍ଡର ପାଇଁ ଆହ୍ୱାନ କରାଯାଇଥିଲା। ତେବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଜଣେ ଠାକାଦାରଙ୍କୁ ଟେଣ୍ଡର ପ୍ରଦାନ କରିଥିଲା। ହେଲେ ଏହି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଲୋକଙ୍କ ଚାଷ ଜମିକୁ ଜବରଦସ୍ତ ଠିକାଦାର ମାଡ଼ିବସି ଏକ ବ୍ରିଜ୍ ତିଆରି କରୁଥିବା ସ୍ଥାନୀୟଲୋକେ ଅଭିଯୋଗ କରିଛନ୍ତି। ରାସ୍ତାରେ ଟ୍ରିପ ଟ୍ରିପ ମାଟି ପଡ଼ିଥିବାରୁ ଅନ୍ଧାରରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ରାସ୍ତା ମଝିରେ ଦୁଇଟି ପୋଲ ନିର୍ମାଣ କରିବା ପାଇଁ ବିଭାଗୀୟ ପକ୍ଷରୁ ନକ୍ସଭି କରାଯାଇଥିବାବେଳେ ପୋଲ ନିର୍ମାଣରେ ନିମ୍ନମାନର ସିମେଣ୍ଟ ଓ କଳଙ୍କି ଲାଗିଥିବା ଲୁହା ଛଡ଼ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ପକ୍ଷରୁ ନଦୀବାଲି ବ୍ୟବହାର କରିବା ପାଇଁ ସ୍ୱୀକୃତି ଦିଆଯାଇଥିବାବେଳେ ତାହା ହେଉନାହିଁ। ଫଳରେ ବ୍ରିଜ୍‌ର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି। ଗାଁର ଜଣେ ଶାରୀରିକ ଭିନ୍ନକ୍ଷମଙ୍କ ଚାଷ ଜମି ଉପରେ ପୋଲ ନିର୍ମାଣ ହେଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଚାଷ ଜମିରେ ଧାନ ଓ ଡାଲିଜାତୀୟ ଫସଲ ଅମଳକରି ପରିବାର ପୋଷୁଥିବାବେଳେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଉ ନ ଥିବା ବେଳେ ଏସ୍‌ଡିଓ ଭୁବନେଶ୍ୱର ମହାପାତ୍ର ଜମିର ସମସ୍ୟା ଥିଲା ଏହା ସମାଧାନ କରାଯିବ ଓ ଯଦି ନିମ୍ନମାନର କାମ ହେଉଛି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଓଲଟିଲା ସ୍କୁଲ ଅଟୋ; ଛାତ୍ରଛାତ୍ରୀ ଆହତ

**ରାଉରକେଲା,୧୪।୨(ସମିସ):** ରିଂରୋଡ୍‌ରେ ସ୍କୁଲ ଅଟୋ ଓଲଟି ପଡ଼ିବାରୁ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ସେକ୍ଟର -୭ ଥାନା ଅଧୀନ ଏୟାରପୋର୍ଟ ଛକରୁ ଛେଣ୍ଡଛକ ମଧ୍ୟରୁ ଶୁକ୍ରବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଥିଲା। କୌଣସି ଏକ ଘରୋଇ ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଅଟୋ ସେକ୍ଟର ପଟୁ ଆସୁଥିଲା। ତେବେ ବସକୁ ଓଭରଟେକ୍ କରିବାକୁ ଯାଇ ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୁଲିସ ଅଟୋକୁ ଜବତ କରି ତଦନ୍ତ ଚଳାଇଛି। ଖବର ଲେଖା ହେବା ଯାଏଁ ଅଧିକ ସୂଚନା ମିଳିପାରି ନଥିଲା।

## ସ୍କ୍ରାପ୍ ଜବତ; ଚାଲାଣକାରୀ ଗିରଫ

**ରାଉରକେଲା,୧୪।୨(ସମିସ):** ବେଆଇନ୍ ସ୍କ୍ରାପ ଚାଲାଣ ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଗାନ୍ଧୀରୋଡ୍ ଅଞ୍ଚଳର ପଞ୍ଚମ ସିଂ(୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାପାଖରୁ ୮୧୯୫ କେଜି ସ୍କ୍ରାପ ଓ ଗୋଟିଏ ଟ୍ରକ୍ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗୁରୁବାର ରାତିରେ ଥାନାଞ୍ଚଳରେ ପାଟ୍ରୋଲିଂ ଚାଲିଥିଲା। ଟ୍ରକକୁ ଅଟକାଇ ଯାଞ୍ଚ୍ କରାଯାଇଥିଲା। ହେଲେ ଅଭିଯୁକ୍ତ ପଞ୍ଚମ ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରି ନଥିଲା। କଲୁଙ୍ଗାସ୍ଥିତ ବଜରଙ୍ଗ ଷ୍ଟିଲ ଆଣ୍ଡ ଆଲଏଜ୍ ପ୍ରାଇଭେଟ୍ ଲିମିଟେଡକୁ ସ୍କ୍ରାପ ଚାଲାଣ ହେଉଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି।



ବନ୍ଧମୁଣ୍ଡାରେ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା

ଫିଜିକାଲ ଟ୍ରେନର ଆହତ

# ବନ୍ଧୁକ ଓ ଭୁଜାଲିରେ ଆକ୍ରମଣ; ୪ ଗିରଫ

**ରାଉରକେଲା,୧୪।୨(ସମିସ):** ରାଉରକେଲା ପୁଲିସ ଜିଲ୍ଲା ଅଧୀନ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡିଜେଲ କଲୋନୀରେ ଶୁକ୍ରବାର ରାତିରେ ଜଣେ ଫିଜିକାଲ ଟ୍ରେନରଙ୍କୁ କିଛି ଦୁର୍ବୃତ୍ତ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବା ପରେ ବନ୍ଧୁକ ବଟ୍ ଏବଂ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଏହିଘଟଣା ପରେ ପୁଲିସ ମୁଖ୍ୟ ଆସାମୀ ସହ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ସୂଚନା ମିଳିଛି। ସେପଟେ ଆହତ ଟ୍ରେନରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଝଗଡ଼ା ସମାଧାନ କରିବାକୁ ଯାଇ ଟ୍ରେନର ଏହି ଆକ୍ରମଣର ଶୀକାର ହୋଇଥିବା କୁହାଯାଉଛି। ଶୁକ୍ରବାର ରାତିରେ ସେକ୍ଟର 'ଡି'ସ୍ଥିତ ଏକ ଗୁପଚୁପ୍ ଦୋକାନ ନିକଟରେ ଏହି ଘଟଣା ଘଟିଛି। ସୂଚନା ମୁତାବକ ବନ୍ଧମୁଣ୍ଡା ଥାନା ଅଧୀନ



ଡିଜେଲ କଲୋନୀ ନିକଟସ୍ଥ ଏକପାର୍କ ଭିତରେ କିଛି ଯୁବକ ଝଗଡ଼ା ହେଉଥିଲେ। ଏହି ଘଟଣାକୁ ସମାଧାନ କରିବାକୁ ପାର୍କରେ ଟ୍ରେନିଂ ଦେଉଥିବା ଫିଜିକାଲ୍ ଟ୍ରେନର ସାମୁଏଲ ସରକାର(୨୬) ସେଠାରେ ପହଞ୍ଚି ଝଗଡ଼ାରେ ହସ୍ତକ୍ଷେପ କରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଝଗଡ଼ାରେ ଲିପ୍ତ ଏକ ଗୋଷ୍ଠୀର ସୁକାନ୍ତ ଦାସ, ସାର୍ଥକ ମହାନ୍ତି, ପ୍ରିୟାଂସୁ ସିଂହ, ଶଙ୍କର ସିଂହଙ୍କ ସମେତ ୭ରୁ ୮ ଜଣ ସାମୁଏଲଙ୍କୁ ବନ୍ଧୁକରୁ ୨ ରାଉଣ୍ଡ ଗୁଳି ଚାଳନା କରିଥିଲେ। ତେବେ ଗୁଳି ନ ବାଜିବାକୁ ସୁକାନ୍ତ ଦାସ ସାମୁଏଲଙ୍କ ମୁଣ୍ଡରେ ବନ୍ଧୁକ ବଟ୍‌ରେ ମରଣାନ୍ତକ ଆକ୍ରମଣ କରିଥିଲା। ଏତଦ୍‌ବ୍ୟତୀତ ଅନ୍ୟମାନେ ଭୁଜାଲିରେ ତାଙ୍କ ପଛପଟ ମୁଣ୍ଡରେ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସାମୁଏଲଙ୍କ ଆଙ୍ଗୁଳି, ହାତ, ପିଠି ଓ ମୁଣ୍ଡରେ ଆଘାତ ଲାଗିଛି ବୋଲି ତାଙ୍କ ବାପା ଶଙ୍କର ସରକାର ଅଭିଯୋଗ କରିଛନ୍ତି। ଖବର ପାଇ ଜୋନାଲ ଡିଏସପି ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ଥାନା ଅଧିକାରୀ ଶ୍ରୀକାନ୍ତ ଖମାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏସପି ନିତେଶ ୱାଧୱାନୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏସପି ଶ୍ରୀ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ବନ୍ଧମୁଣ୍ଡା ତଥା ରାଉରକେଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଶୁକ୍ରବାର ରାତି ସୁଦ୍ଧା ଏହି ଘଟଣାରେ ଆକ୍ରମଣକାରୀଙ୍କ ମଧ୍ୟରୁ ପ୍ରିୟାଂସୁ ସିଂହ, ସାର୍ଥକ ମହାନ୍ତି, ଅଭିନବ ଏବଂ କାର୍ତ୍ତିକଙ୍କୁ ପୁଲିସ ଗିରଫ କରିଥିବା ବେଳେ ମୁଖ୍ୟ ଆସାମୀ ସୁକାନ୍ତ ଦାଶ, ଶଙ୍କର ସିଂହଙ୍କୁ ରାତି ସୁଦ୍ଧା ଗିରଫ କରାଯିବ ବୋଲି ସୂଚନା ମିଳିଛି। ଏବିଷୟରେ ଏସ୍‌ପି କହିଛନ୍ତି ଯେ, ସାମାନ୍ୟ ଘଟଣାକୁ ନେଇ ଉଚ୍ଚବାଚ ହେବା ପରେ ଏପରି ଗଣ୍ଡଗୋଳ ସୃଷ୍ଟି ହୋଇଛି। ଶୁକ୍ରବାର ରାତି ସୁଦ୍ଧା ଆହୁରି ଅଧିକ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ଧନଞ୍ଜୟ ମହାନ୍ତିଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି



**ରାଉରକେଲା,୧୪।୨(ସମିସ):** ବିଶିଷ୍ଟ ଗାନ୍ଧୀବାଦୀ ସଂଗ୍ରାମୀ, ପ୍ରାକ୍ତନ ସାଂସଦ ତଥା ବିଧାୟକ, ଆଇନଜୀବୀ ସର୍ବୋପରି ଶ୍ରମିକନେତା ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ୩୪ତମ ତିରୋଧାନ ଦିବସରେ ଧନଞ୍ଜୟ ମହାନ୍ତି ସ୍ମୃତି ଟ୍ରଷ୍ଟ ପକ୍ଷରୁ ସିଭିଲ ଟାଉନସିପ ସ୍ମୃତି ଉଦ୍ୟାନରେ ତାଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ନରେନ୍ଦ୍ର ବଳଙ୍କ ସଂଯୋଜନାରେ ଅନୁଷ୍ଠାନର ସମ୍ପାଦିକା ପୁଷ୍ପା ଲେଙ୍କାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଓକିଲ ସଂଘ ସଭାପତି ସଦାନନ୍ଦ ସାହୁ, ସମାଜସେବୀ ସୁନୀଲ କାୟଲ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜନେତା ବିରେନ ସେନାପତି, ଗଗନ ପଣ୍ଡା, ଛବି ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଶୈଳେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ବିଶିଷ୍ଟ ବ୍ୟକ୍ତି, ମହିଳା, ସମାଜସେବୀ ଉପସ୍ଥିତ ଥିଲେ। ଟ୍ରଷ୍ଟର ସଦସ୍ୟ ଚନ୍ଦ୍ରଶେଖର ପାଢ଼ୀ, ବାସୁଦେବ ବାନାର୍ଜୀ, କୀର୍ତ୍ତନ ଦାସ, ବିନୋଦ ରାଉତ, ବାନାମ୍ବର ମହାନ୍ତି, ୱାଇ ହେମଲତା, ଭାରତୀ ବାହାରି, ପଙ୍କଜିନୀ, ପ୍ରମୋଦ ସାହୁ, ରାଜୀବ ସିଂ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା,୧୫।୨(ସମିସ):** ଏନ୍‌ଆଇଟି ସ୍କୁଲ ଅଫ ମ୍ୟାନେଜମେଣ୍ଟ ପକ୍ଷରୁ ପୁଲୱାମା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଅବସରରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ବୀର ଭାରତୀୟ ସୁପୁତ୍ରମାନଙ୍କୁ ପୁର୍ନବାର ମନେ ପକାଇ ଗୌରବର ଗାଥାଗାନ କରିଥିଲେ। ଅଧ୍ୟାପକ ଜୟଶଙ୍କର ସିଂ, ଗବେଷଣା ଛାତ୍ରଛାତ୍ରୀ ବିଘ୍ନେଶ ଦାସ ମହାପାତ୍ର, ସୌମ୍ୟ ରଞ୍ଜନ, ବିଶାଳ ଓ ରୋସନି ପ୍ରମୁଖ ସଂଯୋଜନା କରିଥିଲେ। ଦେଶପ୍ରେମୀ ସଙ୍ଗୀତ, ମୁରୁଜ ଓ ସ୍ଲୋଗାନ ସହ ଦୀପଦାନ କରିଥିଲେ। ସମସ୍ତଙ୍କୁ ଦେଶପ୍ରୀତି ଏବଂ କୃତଜ୍ଞତାର ବାର୍ତ୍ତା ଦେବା ସହ ସୈନିକମାନଙ୍କ ବୀରତ୍ୱର ହୃଦବୋଧ କରିଥିଲା।

**ବଣାଇଁ:** ପୁଲ୍‌ଓ୍ୱମା ଆକ୍ରମଣକୁ ୬ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶ ଆଜି ଭାରତୀୟ ଯବାନଙ୍କ ସେହି ବୀରତ୍ୱର ଗାଥା ଓ ବଳିଦାନକୁ ସ୍ମରଣ କରୁଛି। ଏହି ଅବସରରେ ବଣାଇଁର ଯୁବଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ସହିଦମାନଙ୍କ ଉଦ୍ଦେ୍ଧଶ୍ୟରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ କ୍ୟାଣ୍ଡେଲ ଜଳାଇ ଏକ ଶୋଭାଯାତ୍ରା ଦେଓଗାଁ ଛକରୁ ବାହାରି ବଣାଇଁ ମୁଖ୍ୟ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ହେମନ୍ତ କୁମାର ସାହୁ, ଅଭିରାମ ମାହାକୁଡ, ବାସୁଦେବ ସାହୁ, ଅଭିଷେକ ବ୍ରହ୍ମ, ରାମଚନ୍ଦ୍ର ସାହୁଙ୍କ ସହ ବଣାଇଁର ବହୁ ଯୁବକ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ।

## ବେଦବ୍ୟାସ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ

### ସଭାପତି ଭାବେ ବିଜୟ ପ୍ରଧାନ ମନୋନୀତ

**ରାଉରକେଲା,୧୪।୨(ସମିସ):** ବେଦବ୍ୟାସ ଟ୍ରକ ମାଲିକ ସଂଘର ୨୦୨୫-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ବିଜୟ ପ୍ରଧାନ ସର୍ବସମ୍ମତିକ୍ରମେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଜୟ ବାହାଦୁର ସିଂହ ଉପସଭାପତି, ବିଶ୍ୱ ରଞ୍ଜନ ବେହୁରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବିଜୟ ଚୌଧୁରୀ ଏବଂ ସନ୍ତୋଷ ଯାଦବଙ୍କୁ ସମ୍ପାଦକ ଏବଂ ରାମଚନ୍ଦ୍ର ମାଲାହାଙ୍କୁ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଛି। ଆଜି ସଂଗଠନର କାର୍ଯ୍ୟାଳୟରେ ନୂତନ କମିଟିର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ନୂତନ କମିଟିର ସମସ୍ତ ପଦାଧିକାରୀଙ୍କୁ ମାଲ୍ୟାର୍ପଣ ଏବଂ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏଥିସହିତ ଫେବୃଆରୀ ୧୬ ସନ୍ଧ୍ୟା ୭ଟାରେ ବାସନ୍ତୀ କଲୋନୀର ବାସନ୍ତୀ ସରୋବର କଟେଜରେ କାର୍ଯ୍ୟଗ୍ରହଣ ଉତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟଅତିଥି ଭାବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଏବଂ ସମ୍ମାନିତ ଅତିଥି ଭାବେ ରାଉରକେଲା ଆଞ୍ଚଳିକ ପରିବହନ ବିଭାଗର ପରିବହନ ଅଧିକାରୀ ବିଭାଭଞ୍ଜନ ସାମନ୍ତସିଂହରାୟ ଓ ବିଶେଷ ଅତିଥି ଭାବରେ କ୍ରିଷ୍ଣା ବାହନ, ଟାଟା ମୋଟର୍ସର ସାଜନ ଖୈତାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ ଯେ, ବେଦବ୍ୟାସ ଟ୍ରକ ମାଲିକ ସଂଘର ୨୦୦ ସଦସ୍ୟ ରହିଛନ୍ତି।

ଗ୍ଲୋବାଲ୍ ପରିବେଶ ପୁରସ୍କାର

## ଆର୍‌ଏସ୍‌ପି ଦ୍ୱାରା ଏକାଧିକ ପୁରସ୍କାର ଲାଭ

**ରାଉରକେଲା,୧୪।୨(ସମିସ):** ନୂଆଦିଲ୍ଲୀରେ ଆୟୋଜିତ ଗ୍ଲୋବାଲ୍ କ୍ଲିନ୍ ଏନର୍ଜି ସମ୍ମିଳନୀ-୨୦୨୫ରେ ସେଲ୍, ରାଉରକେଲା ଇସ୍ପାତ କାରଖାନ (ଆର୍‌ଏସ୍‌ପି)କୁ ଏକାଧିକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଆର୍‌ଏସ୍‌ପି



ତରଫରୁ ଅଗ୍ନିଶମ ଓ ସୁରକ୍ଷା ବିଭାଗର ସିଜିଏମ ଆଶା ଏସ୍ କାର୍ଥା, ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି.ସି ଦାଶ, ଏସ୍‌ପି-୩ ବିଭାଗର ସିନିୟର ମ୍ୟାନେଜର ଶିବମ ସିଂହଙ୍କୁ ଗ୍ଲୋବାଲ୍ ସୁରକ୍ଷା ପୁରସ୍କାର-୨୦୨୫ ଏବଂ ଗ୍ଲୋବାଲ ପରିବେଶ ପୁରସ୍କାର-୨୦୨୫ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ଉକ୍ତ କାର୍ଯ୍ୟକ୍ରମରେ ଚଳିତ ବର୍ଷ ପାଇଁ ସୁଶ୍ରୀ କାର୍ଥାଙ୍କୁ ଗ୍ଲୋବାଲ ଏଚ୍‌ଏସ୍‌ଇ ମହିଳା ଲିଡର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏହି ପ୍ରତିନିଧିମାନେ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସର ମହାନିର୍ଦ୍ଦେଶକ ଡ. ଅଜୟ ମାଥୁରଙ୍କ ଉପସ୍ଥିତିରେ ଭାରତର ପୂର୍ବତନ ନିର୍ବାଚନ କମିଶନର ଅଶୋକ ଲାଭାସାଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ ଆର୍‌ଏସ୍‌ପି ଆରମ୍ଭରୁ ଅତ୍ୟାଧୁନିକ ପରିବେଶ ଅନୁକୂଳ ଇସ୍ପାତ ତିଆରି ପ୍ରଯୁକ୍ତିବିଦ୍ୟାକୁ କ୍ରମଶଃ ଗ୍ରହଣ କରିଆସୁଛି। ଆରଏସପି ଅନଲାଇନ୍ ଇଫ୍ଲୁଏଣ୍ଟ ଗୁଣବତ୍ତା ମନିଟରିଂ ସିଷ୍ଟମ୍ (ଇକିଉଏମଏସ) ମାଧ୍ୟମରେ କଠୋର ମନିଟରିଂ ଏବଂ ନିୟନ୍ତ୍ରଣ ମାନଦଣ୍ଡକୁ ମଧ୍ୟ ପାଳନ କରିବା ସହ, ସମସ୍ତ ଅନଲାଇନ୍ ମନିଟରିଂ ସିଷ୍ଟମ୍ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସର୍ଭର ସହିତ ସୁଗମ ଭାବରେ ସଂଯୁକ୍ତ କରାଯାଇଛି। ପରିବେଶଗତ ପରିଚାଳନା ପ୍ରତି ପ୍ରତିବଦ୍ଧତା ଜାରି ରଖି, ଆର୍‌ଏସ୍‌ପି ସକ୍ରିୟ ଭାବରେ ଏକ ମହତ୍ୱାକାଂକ୍ଷୀ ଜିରୋ ଲିକ୍ୱିଡ୍ ଡିସଚାର୍ଜ ପ୍ରକଳ୍ପକୁ ଅନୁସରଣ କରୁଛି। ସୁରକ୍ଷା କ୍ଷେତ୍ରରେ, ଆର୍‌ଏସ୍‌ପି ରୋଡ୍ ଶୋ, ସୁରକ୍ଷା ରଥ, ଅଗ୍ନି ନିରାପତ୍ତା ତାଲିମ ଇତ୍ୟାଦି ମାଧ୍ୟମରେ ବ୍ୟାପକ ଅଗ୍ନି ନିରାପତ୍ତା ସଚେତନତା କରିଛି। ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ପାଇଁ ପ୍ଲାଣ୍ଟ ଭିତରେ ବିଭିନ୍ନ ଡିଜିଟାଲ୍ ପଦକ୍ଷେପ ନିଆଯାଇଛି। ସୂଚନାଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ନିଆଯାଇଥିବା ଜରୁରୀକାଳୀନ ପ୍ରସ୍ତୁତି ମକ୍ ଡ୍ରିଲ୍, ସଡ଼କ ସୁରକ୍ଷା ସଚେତନତା ପାଇଁ ମାନବ ଶୃଙ୍ଖଳ ଏବଂ ଏଏନପିଆର/ଆରଏଲଭିଡି ସିଷ୍ଟମ୍ ଇତ୍ୟାଦି ହେଉଛି ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଅନ୍ୟ କିଛି ପ୍ରମୁଖ ପଦକ୍ଷେପ।

## ଡିଏଭି ସ୍କୁଲରେ ରକ୍ତଦାନ ଶିବିର

**ରାଉରକେଲା,୧୪।୨(ସମିସ):** ବାସନ୍ତୀ ନଗରସ୍ଥିତ ଡିଏଭି ସ୍କୁଲରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ରକ୍ତଦାନ ଶିବିର ଆୟୋଜିତ କରାଯାଇଛି। ସମାଜକୁ ନୂତନ ଦିଗଦର୍ଶନ ଦେଇଥିବା ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଅନୁପ୍ରାଣିତ ଛାତ୍ରଛାତ୍ରୀଙ୍କର ଅଭିଭାବକ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ମୋଟ ୭୮ ଜଣ ରକ୍ତଦାନ କରିଥିଲେ। ଛାତ୍ରଛାତ୍ରୀ ଅଧ୍ୟକ୍ଷ ଲୋକନାଥ ପ୍ରଧାନଙ୍କ ସହ ଏକ ଯଜ୍ଞର ଆୟୋଜନ କରିଥିଲେ। ଶିକ୍ଷକ ସୁରେନ୍ ପଣ୍ଡା, ଶିକ୍ଷୟିତ୍ରୀ ପ୍ରୀତି ସିଂ ମହର୍ଷି ଦୟାନନ୍ଦଙ୍କ ଗୁଣଗାନ କରିବା ସହିତ ଛାତ୍ରମାନଙ୍କୁ ଅଭିଭାଷଣ ଦେଇଥିଲେ। ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ ରାଉରକେଲା ସରକାରୀ ଚିକିତ୍ସାଳୟର ଡା. ସମୀର ପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ଡା. ଦେବେନ୍ଦ୍ର କୁମାର ସେଠୀ ଏବଂ ବିଦ୍ୟାଳୟର ଏଲ୍‌ଏମ୍‌ସି ସଭ୍ୟ ଶଶିକାନ୍ତ ଯୋଶୀ, ରାଜେଶ ମଲୋହୋତ୍ରା ଓ ମଞ୍ଜୁଶ୍ରୀ ପାଣିଗ୍ରାହୀ ଯୋଗଦେଇଥିଲେ।



## ଉଦାହରଣ ଟ୍ରଷ୍ଟର ତୃତୀୟ 'ସହିଦ ସମ୍ମାନ' ସମାରୋହ



**ରାଉରକେଲା,୧୪।୨(ସମିସ):** ସହିଦଙ୍କ ପ୍ରତି ସମର୍ପିତ ଥିବା ଉଦାହରଣ ଟ୍ରଷ୍ଟ ପକ୍ଷରୁ ତୃତୀୟ ସହିଦ ସମ୍ମାନ ସମାରୋହ ସିଭିକ ସେଣ୍ଟର୍‌ରେ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସିଆରପିଏଫର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୧୯ ବାଟାଲିୟନ ସିଆରପିଏଫ କମାଣ୍ଡାଣ୍ଟ ନରେଶ କୁମାର ଶର୍ମା, ଦ୍ୱିତୀୟ କମାଣ୍ଡାଣ୍ଟ ମହେଶ ବିଶ୍ୱକର୍ମା, ସିଆଇଏସଏଫ୍‌ର ବରିଷ୍ଠ କମାଣ୍ଡାଣ୍ଟ ଅଶୋକ ଜାଲୱନିଆ, ସମାଜସେବୀ ସୁନୀଲ କାୟଲ, ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ଶ୍ୟାମସୁନ୍ଦର ମହାରଣା, ଏନ୍‌ଆଇଟିର ପ୍ରଫେସର ହୃଷିକେଶ ନାୟକ, ଆରଏସପିର ମହାପ୍ରବନ୍ଧକ ରାଜକିଶୋର ଧାରୁଆ, ପ୍ରାକ୍ତନ ସୁବେଦାର ସୋମନାଥ ସାହୁ, ଉପେନ୍ଦ୍ର ନାଥ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁଲୱମା ସହିଦ ଦିବସ ପାଳନ ଅବସରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଦେଶପାଇଁ ପ୍ରାଣବଳୀ ଦେଇ ଓଡ଼ିଶା ମାଟିକୁ ଗର୍ବିତ କରିଥିବା ୬ ଜଣ ସହିଦ ପରିବାରକୁ ସମ୍ମାନିତ କରିଥିଲେ। ସମ୍ବର୍ଦ୍ଧିତ ସହିଦମାନେ ହେଲେ ଝାରସୁଗୁଡ଼ା ଲଖନପୁରର ଦୀପକସେନ ଭୋଇ, ବ୍ରଜରାଜନଗରର ବଳରାମ ପ୍ରଧାନ, ଲଇକେରାର ଉମାକାନ୍ତ ନାଏକ, ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରାର ଅନୀଲ ମାଝୀ, କେନ୍ଦୁଝରର ଗଣେଶ ପ୍ରସାଦ ସା ଓ ସଞ୍ଜୟ କୁମାର ଦାସ। ଏହି ଅବସରରେ ସେମାନଙ୍କ ପରିବାରକୁ ସମ୍ମାନିତ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥିଲା। ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶାତ୍ମବୋଧକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ତନ୍ତୀ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ଓ ସାଧାରଣ ସମ୍ପାଦକ ଶଙ୍କର ଜେନା ଏହାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଥମ ବର୍ଷ ୧୩, ଦ୍ୱିତୀୟ ବର୍ଷ ୮ଟି ସହିଦ ପରିବାରକୁ ସମ୍ମାନିତ କରାଯାଇଥିଲା ବେଳେ ଚଳିତ ବର୍ଷ ୬ଟି ପରିବାରକୁ ସମ୍ମାନିତ କରାଯାଇଥିଲା। ଉଦାହରଣ ଟିମ୍ କେବଳ ସହିଦ୍ ପରିବାରକୁ ସମ୍ମାନିତ କରେ ନାହିଁ ପରବର୍ତ୍ତୀ ସମୟରେ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥାଏ ବୋଲି ଅଧ୍ୟ ଶ୍ରୀ ତନ୍ତୀ ସୂଚନା ଦେଇଥିଲେ। ଟ୍ରଷ୍ଟି ବିମଳ କୁମାର ବିଶି, ଚନ୍ଦ୍ରଶେଖର ଶତପଥୀ, କୋଷାଧ୍ୟକ୍ଷ ରୋହିତ ମହାନନ୍ଦିଆ, ସଦସ୍ୟ ସଞ୍ଜୟ ପ୍ରଧାନ, ଅଶ୍ୱିନୀ କୁମାର ଶାସନୀ, ରାଜେଶ ତନ୍ତୀ, ବିଶ୍ୱଜିତ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଦେଶରେ ରାଉରକେଲା ପୁଲିସର ପ୍ରଥମ ପଦକ୍ଷେପ

# ପୁଲିସ ପକ୍ଷରୁ 'ଅନୁସନ୍ଧାନ' ୱେବ୍‌ପୋର୍ଟାଲ ଉଦ୍‌ଘାଟିତ

**ରାଉରକେଲା,୧୪।୨(ସମିସ)**

ଇତିହାସ ରଚିଲା ରାଉରକେଲା ପୁଲିସ। ଏସ୍‌ପି ଙ୍କ ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ରାଉରକେଲା ପୁଲିସ ଜିଲ୍ଲା ପକ୍ଷରୁ ଶୁକ୍ରବାର ନୂତନ ୱେବ୍‌ପୋର୍ଟାଲ 'ଅନୁସନ୍ଧାନ'ର ଶୁଭାରମ୍ଭ ହୋଇଛି। ଯାହାକି ରାଉରକେଲା କି ଓଡ଼ିଶା ନୁହେଁ ସମଗ୍ର ଦେଶରେ ପ୍ରଥମ ଏବଂ ଅନନ୍ୟ ପଦକ୍ଷେପ। ଡିଜାଇନ ହୋଇଥିବା ଏହି ନୂତନ ପୋର୍ଟାଲର ବ୍ୟବହାର କରି ଜଣେ ଅଭିଯୋଗକାରୀ ନିଜ ମୋବାଇଲ ଫୋନ, ଲାପଟପ୍‌ରୁ ନିଜର ଏଫ୍‌ଆଇଆର୍‌ର ସ୍ଥିତି, ଚାର୍ଜସିଟ୍ ଏବଂ ଅନ୍ୟାନ୍ୟ ତଥ୍ୟ ସହଜରେ ଜାଣିପାରିବେ। ରାଉରକେଲା ପୁଲିସ ପକ୍ଷରୁ ପୁଲିସ ମୁଖ୍ୟାଳୟରେ ନୂତନ ଭାବରେ ଡିଜାଇନ କରାଯାଇଥିବା ଅଭିନବ ୱେବ୍‌ପୋର୍ଟାଲ 'ଅନୁସନ୍ଧାନ' ୱେବ୍‌ସାଇଟର ଶୁଭାରମ୍ଭ କରାଯାଇଛି। ଏହି ୱେବ୍‌ସାଇଟକୁ ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ ଉଦ୍‌ଘାଟନ କରିଥିଲେ। ରାଉରକେଲା ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ



ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୋର୍ଟାଲର ଶୁଭାରମ୍ଭ କରି ଆରକ୍ଷୀ ଅଧୀକ୍ଷକ ଶ୍ରୀ ୱାଧୱାନୀ କହିଥିଲେ ଯେ, କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଅନୁସନ୍ଧାନ ପୋର୍ଟାଲରେ ଜଣେ ଯେଉଁଠାରେ ଥାଉ, ସେ ମୋବାଇଲ ତଥା ଲାପଟପ୍ ଦ୍ୱାରା ଏହାକୁ ଖୋଲି ଫୋନ୍ ନମ୍ବର ଦେବା ପରେ ଓଟିପି ମାଧ୍ୟମରେ ସେ ଦାଖଲ କରିଥିବା ଏତଲା (ଏଫ୍‌ଆଇଆର)ର ଷ୍ଟାଟସ୍ ରିପୋର୍ଟ ସମ୍ପୂର୍ଣ୍ଣ ଭାବେ ଜାଣିପାରିବ। ସେ ନିଜେ ତଦନ୍ତକାରୀ ପୁଲିସ୍ ଅଫିସରଙ୍କ ନିକଟକୁ ନଆସି ଏହି ଅନୁସନ୍ଧାନ ପୋର୍ଟାଲ ମାଧ୍ୟମରେ ଗତ ୮ ମାସର କେସ୍ ରିପୋର୍ଟ ବିଷୟରେ ବ୍ୟକ୍ତି ଏହି ପୋର୍ଟାଲ୍ ମାଧ୍ୟମରେ ଜାଣିପାରିବ। ପ୍ରତି ସପ୍ତାହରେ ଏହି ପୋର୍ଟାଲ୍ ମାଧ୍ୟମରେ ଅପଡେଟ୍ ରିପୋର୍ଟ ଏଥିସହ ଏତାଲା ଦାୟର କରିଥିବା ବ୍ୟକ୍ତି ନିଜ ମୋବାଇଲର ଏସ୍‌ଏମ୍‌ଏସ୍ ମାଧ୍ୟମରେ ପୁଲିସ୍ ଆଗକୁ କଣ ତଦନ୍ତ ହେବ, ତାହାର ସୂଚନା ମଧ୍ୟ ପାଇପାରିବେ। ଅନୁସନ୍ଧାନ ପୋର୍ଟାଲ ନାଗରିକଙ୍କ ପାଇଁ ଏଫ୍‌ଆଇଆର୍ ଟ୍ରାକିଂ ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ସୁଗମତା ବୃଦ୍ଧି କରିବା ପାଇଁ ଏକ ଅଗ୍ରଣୀ ପ୍ଲାଟଫର୍ମ। ଏହା ମାଧ୍ୟମରେ ଅଭିଯୋଗକାରୀ ସେମାନଙ୍କ ଏଫ୍‌ଆଇଆରର ବର୍ତ୍ତମାନର ସ୍ଥିତି ଯାଞ୍ଚ କରିବାକୁ ସୁବିଧା ହେବ। ଯାହାଫଳରେ ସେମାନଙ୍କ ମାମଲା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ

### ଅନ୍‌ଲାଇନ୍‌ରେ ମାମଲାର ଅପଡେଟ୍ ଜାଣିପାରିବେ ଅଭିଯୋଗକାରୀ

ତଥ୍ୟ ପାଇବାରେ ଏକ ସୁଗମ ଏବଂ ଦକ୍ଷ ଅଭିଜ୍ଞତା ସୁନିଶ୍ଚିତ ହେବ। ଅନୁସନ୍ଧାନ ପୋର୍ଟାଲର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଲା, ଆଇନଗତ ଏହି ପ୍ଲାଟଫର୍ମ ବିଏନ୍‌ଏସ୍‌ଏସ୍ ଧାରା ୧୯୩(୩) (୨) ଅନୁପାଳନ କରିବା। ଏହି ପୋର୍ଟାଲ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପରିଦର୍ଶନ କରାଯାଇପାରିବ। ସୁତରାଂ ଏଣିକି ଅଭିଯୋଗକାରୀଙ୍କୁ ଆଉ ଥାନାକୁ ଦୌଡ଼ି ନୟାନ୍ତ ହେବାକୁ ପଡ଼ିବ ନାହିଁ ବୋଲି ଏସପି ଶ୍ରୀ ୱାଧୱାନୀ କହିଛନ୍ତି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମାମହେଶ୍ୱର ରାଓ କହିଛନ୍ତି ଯେ, ଏବେ ଡିଜିଟାଲ ଯୁଗ ଆସିଥିବା ବେଳେ କୃତ୍ରିମ ବୁଦ୍ଧିମତା ମାଧ୍ୟମରେ ମଣିଷ ସବୁ କିଛି କରି ପାରୁଛି। ଏନଆଇଟି ଅଫିସିଆଲଙ୍କ ସହାୟତାରେ ଡିଜାଇନ ହୋଇଥିବା ଏହି ନୂତନ ପୋର୍ଟାଲ ପାଇଁ ସେ ଏସ୍‌ପିଙ୍କୁ ଅଭିନନ୍ଦନ ଜଣାଇବା ସହ ଏହି ନୂତନ ୱେବସାଇଟ୍ ପୁଲିସ କାର୍ଯ୍ୟରେ ସ୍ୱଚ୍ଛତା ଆଣିବାରେ ସହାୟକ ହେବ। ଏତଦ୍‌ବ୍ୟତୀତ ଅଭିଯୋଗକାରୀଙ୍କ ମନୋବଳକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି। ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନ୍‌ଆଇଟିର ସିଏସ୍‌ଇ ବିଭାଗର ଆସୋସିଏଟ ପ୍ରଫେସର ଡ. ସମ୍ବିତ ବକ୍ସି, ପିଏଚ୍‌ଡି ସ୍କଲାର ବିଶ୍ୱଜିତ ସାହୁ ଏବଂ କାଟ୍ ଇନଟର୍ଣ୍ଣ ସୌମ୍ୟଜିତ ସାହୁ ଉପସ୍ଥିତ ହୋଇ ପୋର୍ଟାଲର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଅତିରିକ୍ତ ଏସପି ପ୍ରଭାଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏନଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉଣା ମହେଶ୍ୱରଙ୍କୁ ଏସପି ଶ୍ରୀ ୱାଧୱାନୀ ସମ୍ବର୍ଦ୍ଧିତ କରିଥିଲେ।

## ପାନପୋଷ ସରକାରୀ ସ୍କୁଲରେ ବିଶ୍ୱ ରକ୍ତହୀନତା ସଚେତନତା ଶିବିର



**ରାଉରକେଲା,୧୪।୨(ସମିସ):** ଅଖିଳ ଭାରତୀୟ ଶିଶୁ ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନ (ଆଇଏପି) ଆନୁକୂଲ୍ୟରେ ପାନପୋଷ ମୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ରକ୍ତହୀନତା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରେ ରକ୍ତହୀନତାର କୁପ୍ରଭାବ ଅଧିକ ସଂଖ୍ୟାରେ ପରିଲକ୍ଷିତ ହେଉଥିବା ପରିପ୍ରେକ୍ଷୀରେ ପିତାମାତାଙ୍କୁ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରକ୍ତହୀନତାର ଲକ୍ଷଣକୁ ତ୍ୱରିତ ଚିହ୍ନଟ କରି ତାର କାରଣ ଏବଂ ନିରାକରଣ ସମ୍ବନ୍ଧରେ ସଚେତନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଖିଳ ଭାରତୀୟ ଶିଶୁ ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନର ସଭାପତି ତଥା ଆରଜିଏଚର ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ପ୍ରଶାନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ଶିବିରରେ ଆଇଏପିର କୋଷାଧ୍ୟକ୍ଷ ତଥା ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ଅର୍ଚ୍ଚନା ବେହେରା, ଆସ୍ଥା ମଦର୍ ଆଣ୍ଡ ଚାଇଲ୍ଡ କେୟାର ହସ୍ପିଟାଲ ଡା. ପାର୍ଥ ସାରଥି ଲାଲ, ଡା. ଦେବେନ୍ଦ୍ର କୁମାର ସେଠୀ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କ ଠାରେ ରକ୍ତହୀନତାର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭିକ ଅଧିବେଶନରେ ୪୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ହିମୋଗ୍ଲୋବିନ ପରିମାଣ ରକ୍ତ ପରୀକ୍ଷା ମାଧ୍ୟମରେ ନିର୍ଦ୍ଧାରଣ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହ ଶିଶୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପାରସ୍ପରିକ ଆଲୋଚନା କରି ବିଭିନ୍ନ ପ୍ରାସଙ୍ଗିକ ପ୍ରଶ୍ନର ସ୍ପଷ୍ଟ ଉତ୍ତର ରଖିଥିଲେ। ଆରବିଏସକେର ମେଡିକାଲ ଅଫିସର ଡା. ସୀତା ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଭାଷି ଟପ୍ପୋ କୃତଜ୍ଞତା ଜ୍ଞାପନ କରିଥିଲେ।

## ସରକାରଙ୍କ ବୈମାତୃକ ମନୋଭାବ

# ଆନ୍ଦୋଳନକୁ ଓହ୍ଲାଇଲେ ହେମଗିରିବାସୀ



**ହେମଗିରି, ୧୪।୨(ସମିସ)**

ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଶୁକ୍ରବାର ଠାରୁ ରାସ୍ତାକୁ ଓହ୍ଲାଇଛନ୍ତି ହେମଗିରି ଅଞ୍ଚଳବାସୀ। ହେମଗିରି ବ୍ଲକ ଆଦିବାସୀ ଅଧ୍ୟୁଷିତ ଖଣିବହୁଳ ବ୍ଲକ ହୋଇଥିବା ବେଳେ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ବିଭିନ୍ନ ସମସ୍ୟା ସମାଧାନର ଦାବି ଉପରେ ସରକାର ଅବହେଳା କରିଆସୁଛନ୍ତି। ଏନେଇ ଜନସାଧାରଣ ଶୁକ୍ରବାର ଠାରୁ ହେମଗିର ବାଇପାସ୍ ଛକରେ ରାସ୍ତାରୋକ କରି ସମସ୍ତ ପ୍ରକାର କୋଇଲା ପରିବହନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛନ୍ତି। ଫଳରେ ସକାଳୁ ରାସ୍ତା କଡ଼ରେ ଶହ ଶହ କୋଇଲା ବୋଝେଇ ଭାରୀଯାନ ଛିଡ଼ା ହୋଇ କୋଇଲା ପରିବହନ ଠପ୍ ପଡ଼ିଛି। ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ହେମଗିର ବ୍ଲକ ଏକ ଖଣି ପରିପୂର୍ଣ୍ଣ ଅଞ୍ଚଳ। ଏହାସତ୍ତ୍ୱେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ପରି ମୌଳିକ ସମସ୍ୟା ସବୁବେଳେ ଏଠାରେ ଲାଗି ରହିଛି। ହେମଗିରି ଅଞ୍ଚଳରେ ଖଣି ଖାଦାନ ପରିପୂର୍ଣ୍ଣ ଥିବା ସତ୍ତ୍ୱେ ଏଠାରେ ବେକାରୀ, ପ୍ରଦୂଷଣ ଏବଂ ନିୟମିତ ସଡ଼କ ଦୁର୍ଘଟଣା ଘଟି ନିରୀହ ଧନଜୀବନ ହାନି ଘଟିବା ଏକ ଅତି ଗମ୍ଭୀର ସମସ୍ୟା ହୋଇପଡ଼ିଛି। ଅନିୟନ୍ତ୍ରିତ ପ୍ରଦୂଷଣ ଯୋଗୁଁ ଚାଷବାସ, ଜୀବନ ଜୀବିକା ଓ ସ୍ୱାସ୍ଥ୍ୟ ବିପନ୍ନ ହେବା, ବିଶେଷଜ୍ଞ ଡାକ୍ତରଙ୍କ ଅଭାବ, ସରକାରୀ ଜମିକୁ ବେଆଇନ ଦଖଲ ଆଦି ସମସ୍ୟାକୁ ନେଇ ବାରମ୍ବାର ଏହାର ସ୍ଥାୟୀ ପ୍ରତିକାର ତଥା ସମାଧାନ କରାଯିବାକୁ ଜନସାଧାରଣଙ୍କ ପକ୍ଷରୁ ବହୁ ପୂର୍ବରୁ ଦୃଢ଼ ଦାବିସହ ଅନେକ ସମୟରେ ଆନ୍ଦୋଳନ କରିଆସୁଥିବା

### କୋଇଲା ପରିବହନ ବନ୍ଦ

ବେଳେ ପ୍ରଶାସନ କେବଳ ପ୍ରତିଶ୍ରୁତି ଦେଇ ଅଞ୍ଚଳବାସୀଙ୍କୁ ଭୁଆଁ ବୁଲେଇ ଯନ୍ତ୍ରଣା ଭିତରକୁ ଠେଲି ଦେଇଦେଉଥିବା ଅଭିଯୋଗ କରିଛନ୍ତି। ଯାହାଫଳରେ ଦୀର୍ଘ ବର୍ଷରୁ ଅଞ୍ଚଳବାସୀ ସରକାରଙ୍କ ବୈମାତୃକ ମନୋଭାବ ଓ ଅବହେଳାର ଶିକାର ହୋଇଚାଲି ଯନ୍ତ୍ରଣା ଭୋଗିଚାଲିଛନ୍ତି। ଏନେଇ ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଞ୍ଚଳବାସୀ କହିଛନ୍ତି।

# ଝିରପାଣିରେ ପବିତ୍ର ମାଘ ପୂର୍ଣ୍ଣିମା ଯାତ୍ରା



**କୁତ୍ରା, ୧୪।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ କିରିଙ୍ଗସେରା ଗ୍ରାମ ପଞ୍ଚାୟତର ଝିରପାଣି ଗ୍ରାମରେ ଅତି ଆଡ଼ମ୍ବରର ସହିତ ୪୧ତମ ମାଘ ପୂର୍ଣ୍ଣିମା ଯାତ୍ରା ପାଳିତ ହୋଇଯାଇଛି। ପ୍ରଥମେ ଉତ୍ସବ ଉପଲକ୍ଷେ ଗ୍ରାମର ପୂଜାମଣ୍ଡପରେ ପ୍ରଭୁ ରାଧାକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରିୟଦର୍ଶିନୀ ଭୋଇ ଏବଂ ସମ୍ମାନିତ ଅତିଥି କୁତ୍ରା 'କ' ମଣ୍ଡଳ ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ସୁନ୍ୟାନି, ଝିରପାଣି ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ ପଟେଲ, ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପୁଲିନ୍ଦ୍ର ଦେଉରିଆ, ସମାଜସେବୀ ବୃଷଭ ସନ୍ୟାସୀ ଓ ଗୋବିନ୍ଦ ନାଏକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦିପକ ମହାନନ୍ଦିଆ ପରିଚାଳନା କରିଥିବା ବେଳେ ରମାକାନ୍ତ ନାଏକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିବର୍ଷ ମାଘ ପୂର୍ଣ୍ଣିମା ଦିନ ଏହି ଯାତ୍ରା ଝିରପାଣିରେ ଅନୁଷ୍ଠିତ ହୋଇଥାଏ। ରାତ୍ରିରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାଞ୍ଚିରୁ ଆସିଥିବା ଆଧୁନିକ ଠେଟ ନାଗପୁରି ଅର୍କେଷ୍ଟ୍ରାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ରଶ୍ମିତ ନାଏକ, ସୁଖଦେବ ରିଖି, ସମୀର ନାଏକ, ଯୁଧିଷ୍ଠିର ନାଏକ, ବିଜୟ ସୁନ୍ୟାନି, ଉମାକାନ୍ତ ସୁନ୍ୟାନି, କୃଷ୍ଣା ନାଏକ, ପ୍ରଦୀପ ମାଝୀ, ପିଣ୍ଟୁ ମାଝୀ, ହର୍ଷିତ ରିଖି ଓ ବିହାରିଲାଲ ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

### ମହିଳାଙ୍କୁ ମନ୍ଦିର ପୂଜକଙ୍କ ମାଡ଼ ଅଭିଯୋଗ

**ସୁନ୍ଦରଗଡ଼, ୧୪।୨(ସମିସ):** ଧରୁଆଡିହି ଥାନା ଅଧୀନ ସିକିପାନି ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପୂଜକ ଜଣେ ଶ୍ରଦ୍ଧାଳୁ ମହିଳାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଜଣକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦେଖିବାକୁ ଯାଇଥିଲେ। ସେଠାରେ ସେ ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିବା ପରେ ପୂଜକ ତାଙ୍କ ମାଡ଼ ମାରି ତଡ଼ି ଦେଇଥିଲେ। ମହିଳା ଜଣକ ଏନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଦିବସ



**ସୁନ୍ଦରଗଡ଼, ୧୪।୨(ସମିସ):** ଯୋଗୀମାଲ ଶିଶୁ ବିଦ୍ୟାମନ୍ଦିରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଟାଙ୍ଗରପାଲି ତହସିଲଦାର ସ୍ମୃତି ସୌମ୍ୟା ଦାସ ଏବଂ ସମ୍ମାନିତ ଅତିଥି ଭାବେ ଯୋଗୀମାଲ ସରପଞ୍ଚ ସୌଦାମିନୀ ଭୋଇ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତାନନ୍ଦ ନାଏକ ମାତୃପିତୃ ପୂଜନ ଦିବସର ତାତ୍ପର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ଖଗେଶ୍ୱର ରଣା ଶିଶୁ ବିଦ୍ୟା ମନ୍ଦିରରେ ମାତୃପିତୃ ପୂଜନ ଦିବସ ପାଳିତ ହେବା ଦ୍ୱାରା ବାପା ଓ ମାଆଙ୍କୁ ଭକ୍ତିର ନୀତି ନୈତିକତା ସହିତ ପୁଅ ଝିଅ ଆଦର୍ଶ ହୋଇଥାଆନ୍ତି ବୋଲି ମତ ଦେଇଥିଲେ। ପ୍ରଧାନ ଗୁରୁଜୀ ଡିସେମ୍ବର ପଟେଲ ସଭାପତିତ୍ୱ ଏବଂ କୌଶିକ ବୁଡ଼ା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମ୍ପାଦକ କିଶୋର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ବାର୍ଷିକ ବିଜ୍ଞାନ ଦିବସ

**ସୁନ୍ଦରଗଡ଼, ୧୪।୨(ସମିସ):** ସୁନ୍ଦରଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଆନୁକୂଲ୍ୟରେ ବାର୍ଷିକ ବିଜ୍ଞାନ ଦିବସ ୨୦୨୫ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଭାନୁପ୍ରିୟାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ଏବଂ ସମ୍ମାନିତ ଅତିଥି ଭାବେ କୃଷି ଅଧିକାରୀ ସଂଘମିତ୍ରା ସାହୁ ଯୋଗଦେଇ ବାର୍ଷିକ ବିଜ୍ଞାନ ଦିବସ ଉପଲକ୍ଷେ ଦିଗଦର୍ଶନ ଦେଇଥିଲେ। ଆୟୋଜିତ ଲିଖନ, ବକ୍ତୃତା, କୁଇଜ୍, ପୋଷ୍ଟର ମେକିଂ, ବିଜ୍ଞାନ ପ୍ରଦର୍ଶନୀ ଆଦିର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଦୀପାଞ୍ଜଳୀ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ ବାର୍ଷିକ ବିଜ୍ଞାନ ଦିବସର ସଂଯୋଜକ ମାଷ୍ଟର ନାରାୟଣ ଅତିଥି ପରିଚୟ ପ୍ରଦାନ, ଉଦ୍ଭିଦ ବିଜ୍ଞାନ ଯୁକ୍ତତିନିର ଛାତ୍ରୀ ମାଶ୍ରିତା ପଣ୍ଡା ବିବରଣୀ ପଠନ ଉଦ୍ଭିଦ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଚିତ୍ତରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# ବୀର ମାଦ୍ରି କାଲୋଙ୍କୁ ପ୍ରଶାସନର ଅଣଦେଖା

## ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା, ମେଡିକାଲ କଲେଜ ନାମକରଣ ଭେଳିକି



**ସୁନ୍ଦରଗଡ଼, ୧୪।୨(ସମିସ):** ସ୍ୱାଧୀନତା ସଂଗ୍ରାମ କାଳରେ ଗାଙ୍ଗପୁର ବିଦ୍ରୋହର ଜନ ନାୟକ ଭୂୟାଁ ଆଦିବାସୀ ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା, ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜକୁ ତାଙ୍କ ନାମରେ ନାମକରଣ ଦାବି ତଥା ତାଙ୍କ ଜନ୍ମଜୟନ୍ତୀକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରିବା ପାଇଁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁ ନାହିଁ। ଫଳରେ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଜି ହେଉଛି ସୁନ୍ଦରଗଡ଼ ଜିଲ୍ଲାର ଏହି ଭୂମିପୁତ୍ରଙ୍କ ଜନ୍ମଜୟନ୍ତୀ। ଏହି ଜନ ନାୟକଙ୍କୁ ଉଚିତ୍ ସମ୍ମାନ ଦେବା ଜିଲ୍ଲା ପ୍ରଶାସନର ଦାୟିତ୍ୱ। ସୁନ୍ଦରଗଡ଼ ସହର ମଧ୍ୟ ଭାଗରେ ଥିବା ଏକ ଭବନକୁ ପ୍ରଶାସନ ପକ୍ଷରୁ ମାଦ୍ରି କାଲୋ ଭବନରେ ନାମିତ କରାଯାଇଛି। କିନ୍ତୁ ଏହି ମାଟିର ଭୂମିପୁତ୍ରଙ୍କ ଜନ୍ମ ଜୟନ୍ତୀରେ ପ୍ରଶାସନ ପକ୍ଷରୁ ପୁଷ୍ପ ମାଲ୍ୟଟିଏ ଦିଆଯାଉନାହିଁ। ବିଜେପି ସରକାର ପୂଜ୍ୟ ପୂଜା ପରମ୍ପରାକୁ ପ୍ରାଧାନ୍ୟ ଦେଉ ନ ଥିବାରୁ ଦୀର୍ଘ ଦିନର ଦାବି କ୍ରମେ ପ୍ରଶାସନ ପକ୍ଷରୁ ମାଦ୍ରିଙ୍କ ଜନ୍ମ ଜୟନ୍ତୀ ପାଳନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଲୋକେ ଆଶାବାଦୀ ଥିଲେ। ମାତ୍ର ଜନ୍ମ ଜୟନ୍ତୀ ପାଳନ ତ ଦୂରର କଥା, ପ୍ରଶାସନ ପକ୍ଷରୁ ପୁଷ୍ପମାଲ୍ୟଟିଏ ମଧ୍ୟ ଅର୍ପଣ କରାଗଲାନାହିଁ। ସୂଚନାଯୋଗ୍ୟ, ବୀର ମାଦ୍ରି କାଲୋଙ୍କୁ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପାଇଁ ସର୍ବ ଭାରତୀୟ ଅଖଣ୍ଡ ଭୂୟାଁ ସମାଜ ବହୁ ଦିନରୁ ଦାବି କରି ଆସୁଛି। ସୁନ୍ଦରଗଡ଼ର ବିଭିନ୍ନ ସଂଗଠନ ମଧ୍ୟ ଏହି ଦାବିରେ ସାମିଲ ହୋଇଛନ୍ତି। ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ପାଇଁ ଭୂୟାଁ ସମାଜର ଦୁଇ ଜଣ ବିଧାୟକଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ବର୍ତ୍ତମାନ ତଳସରା ନିର୍ବାଚନ ମଣ୍ଡଳୀର ଭୂୟାଁ ସମ୍ପ୍ରଦାୟର ବିଧାୟକ ଭବାନୀ ଶଙ୍କର ଭୋଇ ଓଡ଼ିଶା ବିଧାନସଭାର ଉପ ବାଚସ୍ପତି ଅଛନ୍ତି। ଉପ ବାଚସ୍ପତି ଶ୍ରୀ ଭୋଇ ଏହି ପ୍ରସଙ୍ଗରେ ସ୍ୱାଧୀନତା ସଂଗ୍ରାମୀର ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜକୁ ମଧ୍ୟ ତାଙ୍କ ନାମରେ ନାମିତ କରିବା ପାଇଁ ଦାବି ହୋଇଆସୁଛି। ତଥାପି କୌଣସି ସୁଫଳ ନ ମିଳିବା ଉଦ୍‌ବେଗର କାରଣ ହୋଇଛି।

# ସୁନ୍ଦରଗଡ଼ରେ ପାସ୍‌ପୋର୍ଟ କେନ୍ଦ୍ର ଖୋଲିବାକୁ ଦାବି



**ସୁନ୍ଦରଗଡ଼, ୧୪।୨(ସମିସ):** ସୁନ୍ଦରଗଡ଼ରେ ପାସପୋର୍ଟ କେନ୍ଦ୍ର ଖୋଲିବାକୁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପାଖରେ ଦାବି ହୋଇଛି। ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ବିଭିନ୍ନ ଦଳର ନେତାମାନେ ଜିଲ୍ଲାପାଳଙ୍କ ପାଖରେ ଏନେଇ ମିଳିତ ଭାବେ ଦାବି ଜଣାଇଛନ୍ତି। ସୁନ୍ଦରଗଡ଼ ସଦର ଉପଖଣ୍ଡର ଅନେକ ଲୋକେ ବିଦେଶରେ ଚାକିରୀ କରୁଛନ୍ତି। ପାସପୋର୍ଟ ତିଆରି କରିବାକୁ ତାଙ୍କୁ ରାଉରକେଲା ଯାଇ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସେଠାରେ କାର୍ଯ୍ୟରତ କର୍ମଚାରୀ ମାନେ ନାନାପ୍ରକାର ହଇରାଣ ହରକତ କରୁଥିବା ମଧ୍ୟ ଅଭିଯୋଗ ହେଉଛି। ଏହି କାମରେ ତାଙ୍କୁ ବାରମ୍ବାର ଯିବାକୁ ପଡୁଛି। ସୁନ୍ଦରଗଡ଼ ସଦର ଉପଖଣ୍ଡରେ ଜିଲ୍ଲା ମୁଖ୍ୟାଳୟ ରହିଛି। ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ମୁଖ୍ୟ କାର୍ଯ୍ୟାଳୟ ସହ ମୁଖ୍ୟ ଡାକ୍ତରଖାନା ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଅଛି। ଏଠାକାର ବାସିନ୍ଦାଙ୍କ ପାସପୋର୍ଟ ସୁବିଧା ପାଇଁ ସ୍ଥାନୀୟ ମୁଖ୍ୟ ଡାକଘର ଠାରେ ପାସପୋର୍ଟ କାର୍ଯ୍ୟାଳୟ କିମ୍ବା ଶାଖା କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଛି। ଏହି ଦାବିପତ୍ରରେ ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୌରାଧ୍ୟକ୍ଷା ତନୟା ମିଶ୍ର, ବୈକୁଣ୍ଠ ନାଏକ, ହେମନ୍ତ ମେହେର, ଶିବାଜୀ ନାଏକ, ପର୍ଶୁରାମ ସରାଫ, ନିର୍ମଳ ନାଏକ, ସୁବ୍ରତ ନାଏକ ପ୍ରମୁଖ ବିଭିନ୍ନ ଦଳର ନେତାଙ୍କ ଦସ୍ତଖତ ରହିଥିବା ବେଳେ ବିଧାୟକ ପ୍ରତିନିଧି ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଏହା ପ୍ରଦାନ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, କାଉନସିଲର ଅନୀଲ ମହାପାତ୍ର, କାଉନସିଲର କୈଳାସ ତନ୍ତି, ବିଜେଡି ଯୁବନେତା ପଙ୍କଜ ଶ୍ରେଷ୍ଠ, ସଞ୍ଜୟ ପଟ୍ଟନାୟକ, କଂଗ୍ରେସର ବରିଷ୍ଠନେତା ଅରୁଣ ପୃଷ୍ଟେଠ ଓ ଦେବେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲୱାମାରେ ସହିଦ ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି



ସୁନ୍ଦରଗଡ଼, ୧୪।୨(ସମିସ): ଜିଲ୍ଲା ଓକିଲ ସଂଘ ପକ୍ଷରୁ ୨୦୧୯ ଫେବୃଆରୀ ୧୪ ତାରିଖରେ ପୁଲୱାମାରେ ଦେଶ ପାଇଁ ସହିଦ ହୋଇଥିବା ବୀର ଯବାନମାନଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ୨ ମିନିଟ ନିରବ ପ୍ରାର୍ଥନା ସହ ଦୀପଦାନ କରାଯାଇଥିଲା। ଜିଲ୍ଲା ଓକିଲ ସଂଘ ସଭାପତି ନରେଶ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ଉପସଭାପତି ନିରଜ କୁମାର ସାମନ୍ତରା, ଯୁଗ୍ମ ସମ୍ପାଦକ ବାଦଲ ଚୌଧୁରୀ, କାର୍ଯ୍ୟକାରିଣୀ ସଭ୍ୟ ପ୍ରେମ କୁମାର, ଗୌତମ ହାତୀ, କଲ୍ୟାଣ କମିଟି ସଦସ୍ୟ ଅଞ୍ଜନା ସାହୁ, ପ୍ରଦୀପ ମହାପାତ୍ର, ନନ୍ଦଲାଲ ପଟେଲ, ପୁରୁଷୋତ୍ତମ ପଧାନ, କୈଳାଶ ନାଏକ, ପ୍ରଦୀପ ମହାନ୍ତି, ସତ୍ୟଜିତ ନାଏକ, ବୁଧଦେବ ନାଏକ, ମନୋଜ କୁମାର ମହାରଣା, ପ୍ରଣବ କୁମାର ସିଂ, ଯୋଗେନ୍ଦ୍ର ପାତ୍ର, ରଘୁନାଥ ପଣ୍ଡା, ବିକାଶ ନାଏକ, ରବୀନ୍ଦ୍ର ମାଳି, ଦିଗାନନ୍ଦ ଚୌଧୁରୀ, ଦୁର୍ଯ୍ୟୋଧନ ତାଣ୍ଡିଆ, ରଜତ ସାହୁ, ଅନୁସୂୟା ନାଏକ, ସୁନିତା ପଟେଲ, ଗୀତାରାଣୀ ପଟେଲ, ରଶ୍ମିତା ନାଏକ, ଦୁଲାରୀ ନାଗ, ଆଭାମୟୀ ଖାଖା, ରଶ୍ମିତା ବାରିକ, ସ୍ନେହା ସୁମନ ପତି ଓ ପାୟଲ କୁମୁରା ପ୍ରମୁଖ ଯୋଗଦେଇଥିଲେ।

## ଭାରୀଯାନ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

ହେମଗିରି, ୧୪।୨(ସମିସ): ହେମଗିରି ଥାନା ଅଧୀନ ବାଙ୍କୀବାହାଲ ଟପରିଆ ରାସ୍ତାର ରତନସରା ମୋଡ଼ଣୀରେ ଗୁରୁବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛତାବର ଗ୍ରାମର ରୋମାଞ୍ଚ ଚୈହାନ (୩୦)। ଏମସିଏଲରେ ସୁରକ୍ଷା ବିଭାଗରେ ଚାଳକ ଭାବେ ରୋମାଞ୍ଚ କାମ କରୁଥିବା ବେଳେ ଡ୍ୟୁଟି ସାରି ରାତି ୧୧ଟାରେ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଏଭଳି ଅଘଟଣ ଘଟିଥିଲା। ରତନସରା ମୋଡ଼ଣୀରେ ଏକ କୋଇଲା ବୋଝେଇ ଭାରୀଯାନ ବ୍ରେକ ଡାଉନ୍ ହୋଇ ଛିଡ଼ା ହୋଇଥିଲା। ବାଇକ୍ ଆରୋହୀ ଭାରୀଯାନକୁ ଦେଖିନପାରି ଦ୍ରୁତଗତିରେ ଆସି ପଛପଟେ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେସଙ୍ଗେ ରୋମାଞ୍ଚଙ୍କୁ ହେମଗିର ଡାକ୍ତରଖାନା ଓ ପରେ ସୁନ୍ଦରଗଡ଼ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ଉକ୍ତ ରାସ୍ତାରେ ବେଆଇନ ପାର୍କିଂ ପାଇଁ ରାସ୍ତା ଜାମ ଯୋଗୁଁ ଦୁର୍ଘଟଣା ଘଟି ଧନଜୀବନହାନୀ ହେଉଛି। ଏହାର ପ୍ରତିବାଦରେ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ। ଏନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ମହାସମାରୋହରେ ବାର୍ଷିକୋତ୍ସବ ପାଳିତ

## ସୁବଳୟା ସରକାରୀ ୟୁପି ସ୍କୁଲ



**ସୁନ୍ଦରଗଡ଼, ୧୪।୨(ସମିସ):** ସୁବଳୟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁନ୍ଦରଗଡ଼ ଶିକ୍ଷା ଓ ଶିକ୍ଷକ ଅନୁଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରା ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିସହ ବିଦ୍ୟାଳୟର ପରିବେଶ, ପିଲାମାନଙ୍କ କଳା ପ୍ରତି ଥିବା ଆଗ୍ରହ, ମାଟିର ଖେଳଣା ପ୍ରସ୍ତୁତିରେ ଦକ୍ଷତା ଓ ଉତ୍ତମ ଫଳାଫଳକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିର ଏକ ଗପ କହି ପିଲାଙ୍କୁ ସତ କେବେ ଲୁଚି ରହେନା ନୀତିଶିକ୍ଷା ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକ୍ତେଶ୍ୱରୀ ପଟେଲ, ଅବସରପ୍ରାପ୍ତ ଏବିଇଓ ବେଦବ୍ୟାସ ପଟେଲ, କରମଡ଼ିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ନାଏକ, ସମାଜସେବୀ ସୁଧାଂଶୁ କୁମାର ଚୌଧୁରୀ, ପରିଚାଳନା କମିଟି ସଭାପତି ମିତ୍ରଭାନୁ ନାଏକ ବିଦ୍ୟାଳୟର ସ୍ଥାପନା ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷକ ଦିଗାମ୍ବର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଭୋଇ ବାର୍ଷିକ ବିବରଣୀ ପାଠନ ଏବଂ ସଂଯୋଜକ ବନ୍ଦିତା ଦାସ ସଙ୍ଗୀତ ଗାନ କରିଥିଲେ। ସ୍କୁଲ ଛାତ୍ରଛାତ୍ରୀ ଆମ ସଂସ୍କୃତି ଓ ଆମ ଖେଳଣା ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରାଖୀ ନାଏକ, ସନମିତା ମିଶ୍ର, ମଞ୍ଜରୀ ରଥଙ୍କ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଡାଲମିଆ ମହାବିଦ୍ୟାଳୟ ଓ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟ

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ତୁନମୁରାସ୍ଥିତ ଉଭୟ ଡାଲମିଆ ମହାବିଦ୍ୟାଳୟ ଓ ଡାଲମିଆ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ର ସଂସଦ ଓ ସାଂସ୍କୃତିକ ସଂସଦର ମିଳିତ ଉଦ୍ୟମରେ ୫୨ତମ ବାର୍ଷିକୋତ୍ସବ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁତ୍‌ଭୂଷଣ ମିଶ୍ର ଏବଂ ସମ୍ମାନିତ ଅତିଥି ତଥା ଡାଲମିଆ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଡ. ଚିରବ୍ରତ ଦତ୍ତ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଡାଲମିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ତଥା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମିଶ୍ର ଛାତ୍ରଛାତ୍ରୀଙ୍କୁ କିପରି ଭଲ ପାଠପଢ଼ି ସୁନାଗରିକ ହୋଇ ମହାବିଦ୍ୟାଳୟର ନାମ ରଖିବେ ସେସମ୍ପର୍କରେ ସେମାନଙ୍କୁ ଉପଦେଶ ଦେଇଥିଲେ। ଛାତ୍ର ସଂସଦ ଉପଦେଷ୍ଟା ତଥା ହିନ୍ଦୀ ବିଭାଗର ଅଧ୍ୟାପିକା ଡ. ତବସୁମ ବାନୋ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ସୁଶ୍ରୀ ଆଲିଶା ତିର୍କୀ ମଞ୍ଚ ପରିଚାଳନା କରିଥିଲେ। ଉତ୍ସବରେ ୨୦୨୪-୨୫ ମସିହାରେ ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ-ମାଧ୍ୟମିକ ବିଦ୍ୟାଳୟସ୍ତରରେ ଶ୍ରେଷ୍ଠସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।ଶେଷରେ ଦର୍ଶନଶାସ୍ତ୍ରର ଅଧ୍ୟାପିକା ତଥା ସାଂସ୍କୃତିକ ସଂସଦର ଉପଦେଷ୍ଟା ଧନ୍ୟବାଦ ଜ୍ଞାପନ କରିଥଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ



**ସୁନ୍ଦରଗଡ଼:** ଲେଫ୍ରିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଶ୍ୟାମାରାଣୀ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ ଲାକ୍ରା ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଲକ୍ଷସ୍ଥଳରେ ପହଞ୍ଚିବାକୁ ହେଲେ କିଛି ଅସମ୍ଭବ ନୁହେଁ ବୋଲି କହିବାସହ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ଦିଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଚନ୍ଦ୍ରେଶ୍ୱର ବାଗ ପାଠପଢ଼ା ସହ ଛାତ୍ରଛାତ୍ରୀଙ୍କ ଭିତରେ ରହିଥିବା ଦକ୍ଷତା ଅର୍ଜନ ସହ ସେମାନଙ୍କ ଅଭିବୃଦ୍ଧି ଦେଶରେ କିପରି ଯଶ ଲାଭ କରିବ ସେନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଜୟରାମ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିନେଶ ସିଂ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ବେହେରା, ହରିହର ଦାସ, ରଜନୀକାନ୍ତ ଆଚାର୍ଯ୍ୟ, ନାରାୟଣ ପଟେଲ, କମଳ ଲୋଚନ ମାଝୀ, ରମାଶଙ୍କର ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ଯୋଗେଶ ଆଗୁଆନ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସୋନପୁର; ୫୨ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେବେ ୮, ୨୨୬ ଛାତ୍ରଛାତ୍ରୀ

**ସୋନପୁର, ୧୪।୨(ସମିସ):** ଆସନ୍ତା ୨୧ ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଏହା ପରୀକ୍ଷା ଚାଲିବ। ଚଳିତ ଥର ସୁବର୍ଣ୍ଣପୁର ଜିଲ୍ଲାର ମୋଟ ୧୨୮ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଜିଲ୍ଲାର ୫୨ ପରୀକ୍ଷା କେନ୍ଦ୍ରରେ ୮ ହଜାର ୨୨୬ ଜଣ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଏଥିପାଇଁ ବିନିକା ହାଇସ୍କୁଲ, ବୀରମହାରାଜପୁର ହାଇସ୍କୁଲ, ଡୁଙ୍ଗୁରିପାଲି ହାଇସ୍କୁଲ, ରାମପୁର ହାଇସ୍କୁଲ, ସୋନପୁର ମହାରାଜା ହାଇସ୍କୁଲ, ତରଭା ବାଳକ ଉଚ୍ଚ ବିଦ୍ୟାଳୟ ଓ ଉଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ୭ଟି ନୋଡାଲ ସେଣ୍ଟର ପାଇଁ ୧୫ଟି ଡେସପାଚ୍ ଟିମ୍ ଅଛନ୍ତି । ଏସଓଏସସି(ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ) ପରୀକ୍ଷା ପାଇଁ ସୋନପୁର ବ୍ଲକ ଖରଝୁରା ଜୟ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି । ଏହି ପରୀକ୍ଷା କେନ୍ଦ୍ରରେ ୮୦ ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଜିଲ୍ଲାର ୬ଟି ବ୍ଲକର ୧୨ଟି ପରୀକ୍ଷା କେନ୍ଦ୍ରକୁ ସମ୍ବେଦନଶୀଳ ଭାବେ କରାଯାଇଛି। ଶୁକ୍ରବାର ଅପରାହ୍ନରେ ମହାରାଜା ହାଇସ୍କୁଲରେ ଜିଲ୍ଲାର ସମସ୍ତ ପରୀକ୍ଷା କେନ୍ଦ୍ର ଅଧୀକ୍ଷକ ଓ ସୁପରଭାଇଜରଙ୍କ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପରୀକ୍ଷା ସୁପରିଚାଳନା ପାଇଁ କେନ୍ଦ୍ର ଅଧୀକ୍ଷକ ଓ ସୁପରଭାଇଜରଙ୍କୁ ବିଭିନ୍ନ ପରାମର୍ଶ ଦିଆଯାଇଛି । ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମାପନ ପାଇଁ ଜିଲା ଶିକ୍ଷା ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଜିଲ୍ଲାରେ ପରୀକ୍ଷାଫଳ ଭଲ ରଖିବାକୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

କରଙ୍ଗାଭଟା ଜଙ୍ଗଲରେ ନିଆଁ

# ଅଳ୍ପକେ ବର୍ତ୍ତିଲା ୩ ଏକର ଶାଗୁଆନ ବଗିଚା



**କୋମନା,୧୪।୨(ସମିସ)**

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ତରବୋଡ଼ ରେଞ୍ଜ ଅଧୀନସ୍ଥ କରଙ୍ଗାମାଳ ଜଙ୍ଗଲରେ ନିଆଁ ଲାଗିବାରୁ ବିଭିନ୍ନ ମୂଲ୍ୟବାନ ଗଛ ପୋଡ଼ି ନଷ୍ଟ ହୋଇଥିବା ଜଣାପଡିଛି। ଶୁକ୍ରବାର ପୂର୍ବାହ୍ନରେ କୌଣସି କାରଣରୁ କରଙ୍ଗାଭଟା ସଂରକ୍ଷିତ ଜଙ୍ଗଲରେ ନିଆଁ ସଂଯୋଗ ହୋଇଥିଲା । ନିଆଁ ଲାଗିବାରୁ ପ୍ରାୟତଃ ୩ ଏକରର ଶାଗୁଆନ ପ୍ଲଟକୁ ନିଆଁ ବ୍ୟାପିଥିବା ବେଳେ ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ପ୍ରୟାସ କରିଥିଲେ। ସେହି ଗାଁର ସମାଜସେବୀ ସେବାରାମ ନାଏକ ଓ ନିଳକଣ୍ଠ କେତକୀ ଲାଗିଥିବା ନିଆଁ କୁ ଆୟତ୍ତ କରି ନ ପାରିବାରୁ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର କିଛି ବନ କର୍ମକାରୀ ମେସିନ ସାହାଯ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ଫଳରେ କୋଟି କୋଟି ଟଙ୍କାର ଶାଗୁଆନ ବଗିଚା ସଂପୂର୍ଣ୍ଣ ପୋଡ଼ିବାରୁ ବର୍ତ୍ତି ଯାଇଥିଲା । ଏହି ଜଙ୍ଗଲରୁ ବିଭିନ୍ନ ସମୟରେ ମୂଲ୍ୟବାନ ଗଛଗୁଡିକ ଚୋରି ହେଉଥିବା ବେଳେ ବିଭାଗ ଏ ଦିଗରେ ଦୃଷ୍ଟିଦେବାକୁ ଦାବି ହେବା ସହ କରଙ୍ଗାଭଟା ସଂରକ୍ଷିତ ଜଙ୍ଗଲରେ ସ୍ଥାୟୀ ଜଗୁଆଳୀ ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ଟ୍ରକ୍‌ରେ ପିଟିହୋଇ ପରିବା ବ୍ୟବସାୟୀ ଗୁରୁତର

**ଗୋଲାମୁଣ୍ଡା, ୧୪ ।୨(ସମିସ):** ଗୋଲାମୁଣ୍ଡା ବ୍ଲକ ଖମାରହଳଦୀ ପଞ୍ଚାୟତ ନିକଟସ୍ଥ ଭାଟି ଛକରେ ଦୁର୍ଘଟଣା ଘଟିଛି । ଜଣେ ବାଇକ୍ ଆରୋହୀ ଏକ ଟ୍ରକ୍‌ରେ ପିଟି ହୋଇଛନ୍ତି । ସେ ହେଲେ ଖମାର ହଳଦୀ ପଞ୍ଚାୟତ ଘୋଟିଆ ଗ୍ରାମର ବାମଦେବ ନାଏକଙ୍କ ପୁଅ ଥବିର ନାଏକ । ପନିପରିବା ବିକ୍ରି କରିବା ପାଇଁ ସେ ବିଜୁ ଏକ୍ସପ୍ରେସ ୱେ ଦେଇ ଧର୍ମଗଡ଼ ଅଭିମୁଖେ ଯାଉଥିଲେ । ଏହି ସମୟରେ ଧର୍ମଗଡ଼ ପଟୁ ଆସୁଥିବା ଏକ ଟ୍ରକ୍ ସହିତ ପିଟି ହୋଇଥିଲେ । ଏହାଫଳରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ଧର୍ମଗଡ଼ ଡାକ୍ତରଖାନାକୁ ପଠାଇଥିଲେ ।

## ମାତୃପିତୃ ପୂଜନ ଦିବସ ଓ ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧୪।୨(ସମିସ):** ପୁଇଁତଳା ବ୍ଲକ ବିଲେଇସର୍ଡା ସନ୍ଥ ଦିବ୍ୟ ଜୀବନ ଗୁରୁକୁଳରେ ମାତୃପିତୃ ପୂଜନ ଦିବସ ସହ ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁରୁକୁଳର ପ୍ରଧାନ ଆଚାର୍ଯ୍ୟା ଯାଜ୍ଞସେନୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପୁଇଁତଳା ବ୍ଲକ ଚେୟାରମ୍ୟାନ ସରୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ମୁଖ୍ୟବକ୍ତା ଭାବେ ପୁଇଁତଳା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା ଯୋଗଦେଇ ନୀତିଶିକ୍ଷା ବ୍ୟକ୍ତିକୁ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ କରେ ବୋଲି କହିଥିଲେ । ବକ୍ତାଭାବେ ବହଲପଦର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନାରାୟଣ ମିଶ୍ର ଯୋଗଦେଇ ପରିବାରକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ମାତା ପିତାଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବିଲେଇସର୍ଡା ସରପଞ୍ଚ ସୁଶାନ୍ତ ଛତ୍ରିଆ, ସମିତି ସଭ୍ୟ ସୁରେନ୍ଦ୍ର ବୁଡେକ, ସମାଜସେବୀ ଭରତଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ । ପ୍ରଧାନ ଆଚାର୍ଯ୍ୟା ଯାଜ୍ଞସେନୀ ଭୋଇ ବାର୍ଷିକ ବିବରଣୀ ପଠନ କରିଥିଲେ । ସରୋଜ ରାମ ଗଡ଼ତ୍ୟା ଓ ହିମାଂଶୁ ଶେଖର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପଧାନ ବିଦ୍ୟାଳୟ ତରଫରୁ 'ମୋ କଳ୍ପନା ମୋ କୃତୀ' ପ୍ରାଚୀର ପତ୍ରିକାକୁ ଉନ୍ମୋଚିତ କରିଥିଲେ । ଚଳିତବର୍ଷ ପାଇଁ ବିନ୍ଦାରାଣୀ ଦଲାଇଙ୍କୁ ଶ୍ରେଷ୍ଠ ଛାତ୍ରୀ ଭାବେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରସ୍କାର ବିତରଣୀ କାର୍ଯ୍ୟକ୍ରମକୁ ଗୁରୁମା ସୁଜାତା ଗଡ଼ତ୍ୟା, ଝରଣା ପଧାନ, ରିମା ମେଶ୍ରା, ମନିଷା ପଧାନ, ସେବିକା ସର୍ବେଶ୍ୱରୀ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

## ବ୍ଲକସ୍ତରୀୟ ମୁରିବାହାଲ ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ମୁରିବାହାଲ, ୧୪ ।୨(ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇ ଯାଇଛି । ସଭାପତି ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରି ଓ ଧର୍ମପତ୍ନୀ ପ୍ରୀତି ସୌଲାଙ୍କି, ସମ୍ମାନିତ ଅତିଥି ଭାବରେ ମୁରିବାହାଲ ବିଡିଓ ବାସନ୍ତୀ ସେଟ୍ଠୀ, ତହସିଲଦାର ଜଗଦୀଶ କର୍ତ୍ତାମୀ, ମୁରିବାହାଲ ଆଇଆଇସି ସିପରା ସାରୟ ଲୁଗୁନ, ସିଡିପିଓ ପୁର୍ଣିମା ବୈଠାରୁ, କିଶୋର କୁମାର ଭୋଇ ଉପସ୍ଥିତ ପ୍ରମୁଖ ଉଦ୍‌ଘାଟିତ କରିଥିଲେ । ଏହି ଧନୁଯାତ୍ରା ମହୋତ୍ସବ ଟି ୧୪ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚଳିବ । ପ୍ରଥମ ରାଜନୀରେ ଦୁର୍ମିଳା ସୁର ବଧ ଓ ନାରଦ କଂଶ ସମ୍ବାଦ ଅନୁଷ୍ଠିତ ହୋଇଥିଲା । କମିଟିର ସଭାପତି ଶ୍ରୀବତ୍ସ ବେହେରା ସଭାପରିଚାଳନା କରିଥିଲେ । ଉପସଭାପତି ସୁବ୍ରତ କୁମାର ମାହାକୁର, ଲକ୍ଷ୍ମୀକାନ୍ତ ଧରୁଆ, ନିରଞ୍ଜନ ସାହୁ, ବିଶ୍ୱବିହାରୀ ଯୋଶୀ, ଶ୍ୟାମ ସୁନ୍ଦର ଝାଙ୍କର, ଦିବ୍ୟ ସୁନ୍ଦର ସାହୁ କାର୍ଯ୍ୟକାରୀ ସଭାପତି ରମେଶ କୁମାର ନାଗ, ସୁଦାମ ସାହୁ, ରାଜୀବ ମହାନ୍ତି, ତରଣୀସେନ ମେହେର, ସୁଦାମ ବଘାର ସହ ସମ୍ପାଦକ ରାମରଞ୍ଜନ ପାତ୍ର, ପ୍ରେମାନନ୍ଦ ମାଝୀ, ସୁଜିତ ପାଢ଼ୀ, ଅଭିଳାଶ ବଘାର କୋଷାଧ୍ୟକ୍ଷ ଭରତ ଦାଶ, ପଦ୍ମଲୋଚନ ସାହୁ ପ୍ରମୁଖ ଉପସସ୍ଥିତ ଥିଲେ । ସୁଦାମ ଚରଣ ବଘାର ଧନ୍ୟବାଦ ଦେଇଥିଲେ ।

## ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**ସୁବଳୟା,୧୪।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ସ୍ଥିତ ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠ ଠାରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଶୁକ୍ରବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକ ସଭାପତିତ୍ୱ କରିଥିଲେ। ସହକାରୀ ଶିକ୍ଷକ ପ୍ରମୋଦ କୁମାର ପାତ୍ର, ଜୀବର୍ଦ୍ଧନ ରଣା, ଜଗଦୀଶ ପଧାନ, ଗୌରୀଶଙ୍କର ପୁଜାହାରୀ, ମୀନକେତନ ରଣା ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ଦଶମ ଶ୍ରେଣୀ ଛାତ୍ର ସୁଶାନ୍ତ ବାଦୀ ଓ ଛାତ୍ରୀ ଲିପ୍ସା ବାଘ ବିଦ୍ୟାଳୟର ଶିକ୍ଷକ ତଥା ଶିକ୍ଷଣ କାର୍ଯ୍ୟକ୍ରମ ବହୁତ ସ୍ମରଣୀୟ ଓ ଆନନ୍ଦ ଦାୟୀ ଥିଲା ବୋଲି କହିଥିଲେ। ସହକାରୀ ଶିକ୍ଷକ ଦିନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ୧୦ ଟି ଅମୂଲ୍ୟ ଉପଦେଶ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିବା ସହ ୨୦୨୫ ବାର୍ଷିକ ମାଟ୍ରିକ ପରୀକ୍ଷାର ଟିପ୍ସ ପ୍ରଦାନ କରିଥିଲେ। ବିଦ୍ୟାଳୟର କର୍ମଚାରୀ ସତ୍ୟନାରାୟଣ ରାଜହଂସ,ସିଦ୍ଧେଶ୍ୱର ମେଣ୍ଡିଲି, ଚିତ୍ତରଞ୍ଜନ ପ୍ରଧାନ, ସରୋଜ କୁମାର ଭୁକ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓ ଖେଳ ଶିକ୍ଷକ ସୁରେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ମୀନକେତନ ରଣା ସମସ୍ତ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପାଇଁ କଲମ ପ୍ରଦାନ କରିଥିଲେ।

## ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟିତ



**ଜୁନାଗଡ଼, ୧୪।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ଶୁକ୍ରବାର ଜୁନାଗଡ଼ ମହୋତ୍ସବ ଉଦ୍‌ଘାଟିତ ହୋଇଛି । କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସକାଳେ ମାଁ ଲଙ୍କେଶ୍ୱରୀ ମନ୍ଦିରରେ ମଶାଲ ପୂଜାର୍ଚ୍ଚନା ପରେ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ସାପ୍ତାହିକ ବଜାରଠାରୁ ଆରମ୍ଭ ହୋଇଥିଲା। ଜନସାଧାରଣ ଘୁମୁରା, ସଂକୀର୍ତ୍ତନ, ଢାପ ଆଦି ଅନ୍ୟାନ୍ୟ ସାଂସ୍କୃତିକ କାଯ୍ୟ୍ୟର୍ରମ ଶହ ମଶାଲ ଶୋଭାଯାରତ୍ରାରେ ସାମିଲ ହୋଇଥିଲେ। ମହୋତ୍ସବ କମିଟିର ସଭାପତି ଦୁର୍ଗାପ୍ରସାଦ ନାଏକ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ସମ୍ପାଦକୀୟ ଅଭିବ୍ୟକ୍ତ ପ୍ରଦାନ କରିଥିଲେ। କର୍ତ୍ତବ୍ୟର ମୁଖ୍ୟ ଅଶୋକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିନୟ ସାହୁ ଓ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱର୍ଗତ ପ୍ରତାପ କେଶରୀ ଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ମାଁ ଲଙ୍କେଶ୍ୱରୀ ମନ୍ଦିର ନୀକଟସ୍ଥ ବୁଢ଼ାରଜା ମଞ୍ଚରେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟି ଅଧକ୍ଷ ଦୁର୍ଗା ପ୍ରସାଦ ନାଏକ ଅଧକ୍ଷତା କରିଥିଲେ। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, କେସିଙ୍ଗା କଲେଜର ଅଧକ୍ଷ ସୁଶାନ୍ତ ପାଢ଼ୀ, ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ ଶେଖର ବରାଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜୁନାଗଡ଼ ଏନ୍‌ଏସି ଅଧକ୍ଷ୍ୟକ୍ଷ ହିମାଦ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିନନ୍ଦା ଆଚାର୍ଯ୍ୟ ଓ ଅଧ୍ୟାପକ ବିଶ୍ୱରଞ୍ଜନ ବେହେରା ମଞ୍ଚ ପାରିଚଳନା କରିଥିଲେ। ଏହି ଅବସରରେ କବି ମନୋଜ ମେହେରଙ୍କ ପୁସ୍ତକ ଉନ୍ମୋଚନ ହୋଇଥିଲା।

ଭବାନୀପାଟଣା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଘୁଡ୍‌କା, ମୟୂରୀ ଅନୁଷ୍ଠାନ ପକ୍ଷରୁ ବଜାଶାଲ ପ୍ରଦର୍ଶିତ ହୋଇଥିଲା। ଟିଟିଲାଗଡ଼ରୁ ଆସିଥିବା କଳାକାରଙ୍କ ଡାଲ୍‌ଖାଇ ସହ ଭବାନୀପାଟଣା ନୃତ୍ୟକଳା ଅନୁଷ୍ଠାନ, କେସିଙ୍ଗା ଅଞ୍ଚଳର କଳାକାର, ଭବାନୀପାଟଣା ନୁପୁର ଅନୁଷ୍ଠାନର ବଜାଶାଲ ଦର୍ଶକଙ୍କୁ ବିମୋହିତ କରିଥିଲା।

## ସାଉଁନ୍ତପୁର କ୍ଲଷ୍ଟରସ୍ତରୀୟ 'ନିପୁଣ ମେଳା'

**ବଲାଙ୍ଗିର, ୧୪।୨(ସମିସ) :** ବଲାଙ୍ଗିର ଜିଲ୍ଲା ପୁଇଁନ୍ତଘର ବ୍ଲକ ଅଧୀନ ସାଉଁନ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ମେଳା ସାଉଁନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସାଉଁନ୍ତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ସାଉଁନ୍ତପୁର ସରପଞ୍ଚ ଶ୍ରୀମତୀ ମାଧବିଲତା ପଟେଲ, ସମ୍ମାନିତ ଅତିଥି ନୀଳମଣି ପଣ୍ଡା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ, ପୁଇଁନ୍ତଳା ଓ ସାଉଁନ୍ତପୁର ପ୍ରାଥମିକ ବିଦ୍ୟାଳୟର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉଗ୍ରେସନ ପଧାନ, ମୁଖ୍ୟ ବକ୍ତା ଭାବେ ନିଲିଜିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ମିଶ୍ର ଯୋଗଦେଇ ଥିଲେ। ସାଉଁନ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ଯୋଗଦେଇଥିଲେ। ପ୍ରମୋଦ କୁମାର ପଟେଲ ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିବାସହ ନିପୁଣ ମିଶନର ଗୀତ ଓ ଶପଥ ପାଠ ନିଆଯାଇଥିଲା। ପ୍ରଥମରୁ ତୃତୀୟ ଶ୍ରେଣୀର ମୌଳିକ ସାକ୍ଷରତା, ମୌଳିକ ସଂଖ୍ୟାଜ୍ଞାନ ଓ ସୃଜନାତ୍ମକ କାର୍ଯ୍ୟକ୍ରମ ଉପରେ ତିଆରି ହୋଇଥିବା ବିଭିନ୍ନ ଶିକ୍ଷଣ ଉପକରଣ ମେଳାରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ ସହାୟକ ଉପକରଣ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ଚୌଧୁରୀ ତାଣ୍ଡି ଅତିଥି ପରିଚୟ କରିଥିବାବେଳେ ବିଶ୍ୱ ପ୍ରସାଦ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ୟୋସ୍ନାରାଣୀ ଭୋଇ, ମିନତୀ ସାହୁ, ଜ୍ୟୋତ୍ସ୍ନା ପଟେଲ, ପୂଜା ଦେହେରୀ, ବସନ୍ତ କୁମାର ବେହେରା, ନମିତା ପ୍ରଧାନ, ସଞ୍ଜୁଶ୍ରୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।

## ପୋର୍ଟିପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ସିନାପାଲି, ୧୪।୨(ସମିସ):** ସିନାପାଲି ବ୍ଲକ ଅନ୍ତର୍ଗତ ପୋର୍ଟିପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ପ୍ରିନ୍ସିପାଲ ମାହାତ୍ମା ଗିରିଙ୍କ ସଭାପତିତ୍ୱରେ ମଞ୍ଚରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରଦୀପ କୁମାର ପଣ୍ଡା, ମୁଖ୍ୟ ବକ୍ତା ଭାବେ ଜାମପାଣି ୟୁପିଏସ ପ୍ରଧାନଶିକ୍ଷକ ମୋତିଲାଲ ବାଗ, ସମ୍ମାନିତ ଅତିଥି ଭାବେ ନୂଆମାଲପଡ଼ା ସରପଞ୍ଚ ବନିତା ପୋଡ଼, ହାତିବନ୍ଧା କଲେଜ ଇତିହାସ ଅଧ୍ୟାପକ ଜୌତିରନ ବନ୍ଦିଚୋର, ସରଧାପୁର ବିଜୁ ପଟ୍ଟନାୟକ କଲେଜ ପ୍ରେନ୍ସିପାଲ ଜନ୍ମେଜୟସେଠିଆ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରାରମ୍ଭରେ ପ୍ରଭୁ ଜଗନ୍ନାଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳିତ କରିଥିଲେ। ଶିକ୍ଷକ ରାଜ କିଶୋର ସୁନାନୀ ସଭା ପରିଚାଳନା କରିଥିଲେ। ଶିକ୍ଷକ ମନୋଜ କୁମାର ମହାନନ୍ଦ, କ୍ଷେତ୍ର ମୋହନ ମେହେର, ଭୁପତି ଜଗତ, ରୋପନ କୁମାର ସେଠି, ସବିତା ମେହେର, ନମିତା ବଣୁଆ, ନେତ୍ରାନନ୍ଦ ନାଏକ ସମେତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସମାଜସେବୀ ଗଣେଶ ପୋଡ଼, ଉଜ୍ଜ୍ୱଳ ସିଂ ମାଝି, ସମିତିସଭ୍ୟ ଟୋପଚନ ମାଝି, ଜିଆରଏସ ଅମୂଲ୍ୟ ତାଣ୍ଡି ସହ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରେ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଜମିଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଗଲା। ଶେଷରେ ଶିକ୍ଷକ ଝସକେତନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଣ୍ଡାବାହାଲି ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ସିନାପାଲି , ୧୪।୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଯୋଧନ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକ ଉତ୍ସ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ନିରୀକ୍ଷକ ଉଦୟସିଂ ମାଝୀ, ସମ୍ମାନିତ ଅତିଥି ଭାବରେ ଡବ୍ଲୁଇଓ ସୁନୀଲ କୁମାର ସାମଲ, ଗଣ୍ଡାବାହାଲି ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ଭଗବାନ ଚଲାନ, ଏସଏମସି ଚେୟାରମ୍ୟାନ ବିଭୀଷଣ ତାଣ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସହକାରୀ ଶିକ୍ଷକ ନରେଶ ମେହେର ଓ ଆଶୁତୋଷ ମେହେର କାର୍ଯ୍ୟକ୍ରମ ପରିଚାଳନା କରି ପ୍ରଶଂସାପତ୍ର ସହ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁରେଶ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ହିମାଂଶୁ ଶେଖର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ନୂଆପଡ଼ା, ୧୪।୨(ସମିସ):** ନୂଆପଡ଼ା ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାମପାନି ଠାରେ ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ବାଗଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଚୈତ୍ରାମ ନାଏକ ସହଗୋଷ୍ଠୀ ଶିକ୍ଷା ଅଧିକାରୀ, ସମ୍ମାନିତ ଅତିଥି ଭାବରେ ପ୍ରଶାନ୍ତ ନାଥ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଚିଚିରିପାନି , ଶରତ କୁମାର ପଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅଁଲାଯୁବା ,ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଛନ୍ଦା ଚରଣ ପ୍ରଧାନ ,କୁଲିଆବନ୍ଧା ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା, ଗ୍ରାମର ଆଲୁମିନି ସଭାପତି ଭୋଜରାଜ ନାଏକ, ଜାମପାଣି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୁଞ୍ଜରାଜ ହଂସ,ରଞ୍ଜିତ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଓ ନିୟମିତ ରକ୍ତଦାତା ଶିକ୍ଷକ କିଶୋର କୁମାର ପରିଡ଼ା ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରୁଥିବା ଛାତ୍ରୀ ଅର୍ଚ୍ଚିତା ନାଏକ ଓ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବରେ ହେମଲତା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଦେଓ ଲାଲ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ବାର୍ଷିକ ମହୋତ୍ସବର ସଫଳ ଆୟୋଜନରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମାଝୀ,ଆଶାରାମ ମାଝୀ , ଜି ତିରୁପତି ରାଓ ,ମିନାକ୍ଷୀ ଭୁଏ ,ଜାନକୀ ଲାଲ ଜଗତ ଏବଂ ଗ୍ରାମର ସ୍ୱେଚ୍ଛାସେବୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଜୁନାନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା, ୧୪।୨(ସମିସ)**



ସ୍ଥାନୀୟ ଜୁନାନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ମହାପାତ୍ର ଉତ୍ସବରେ ଅଧକ୍ଷତା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚୈତରାମ ନାଏକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହେମନ୍ତ ପାଢ଼ୀ ମୁଖ୍ୟବକ୍ତା, ପ୍ରମୋଦ ମିଶ୍ର, ସଞ୍ଜୟ କୁମାର ପାଢ଼ୀ,ନିରୋଦ ପାଢ଼ୀ, ବିନୋଦ ଠାକୁର, ସିଆରସିସି ଦେବୀ ଦୟାଲ ସାହୁ, ସିଆରସିସି ଶରତ କୁମାର ପଣ୍ଡା,ସ୍କୁଲ ପରିଚାଳନା କମିଟି ସଭାପତି ଜଗତପାଳ ହଂସ, ୱାର୍ଡ ସଭ୍ୟ ଦାମୋଦର ବନଛୋର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ୧୭୦ ଛାତ୍ରଛାତ୍ରୀ ପାଇଁ ମାତ୍ର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମିଶାଇ ୪ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ସେଥିରେ ପୁଣି ଦୁଇଜଣ ଏକ୍ସ କ୍ୟାଡର ଶିକ୍ଷକ ସାମିଲ ଅଛନ୍ତି। ବିନା ବିଜ୍ଞାନ ଶିକ୍ଷକରେ ଚାଲିଛି ପାଠ ପଢ଼ା। ଏଥି ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେବା ଜରୁରୀ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ବିଗତ ଦିନରେ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷର ଚାମ୍ପିଅନ ଛାତ୍ର ଭାବେ ନରେଶ ମାଝୀ ଏବଂ ଛାତ୍ରୀ ଭାବରେ ରେଖା ରାଉତଙ୍କୁ ସମ୍ମାନୀତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଯୋଗେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଚିତ୍ତ ଖରସେଲ ସହଯୋଗ କରିଥିଲେ।

